୬ ଟି-୨୦ ବିଶ୍ୱକପ୍ ୨୦୨୬ ପୂର୍ବରୁ ଭାରତ ଗସ୍ତରେ ଆସିବ ନ୍ୟୁଜିଲାଣ୍ଡ






ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୩୮ ● ୧୬ ଜୁନ୍ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-138 ●16th June 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଯାଜପୁରରେ କେନ୍ଦ୍ରୀୟ ଟିମ୍

# ହଇଜା ସ୍ଥିତି ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା

**ଯାଜପୁର, ୧୫ା୬**
**ନ୍ୟୁଜ୍ ବ୍ୟୁରୋ**

ହଇଜା ସ୍ଥିତି ସମୀକ୍ଷା ପାଇଁ ଯାଜପୁରରେ କେନ୍ଦ୍ରୀୟ ଟିମ୍। ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛି ୧୪ ଜଣିଆ କେନ୍ଦ୍ରୀୟ ଟିମ୍। ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଯାଜପୁର ସାଂସଦ, ବଡ଼ଚଣା ଓ ଧର୍ମଶାଳା ବିଧାୟକ, ଜିଲ୍ଲାପାଳ ଓ ଏସ୍‌ପି ଉପସ୍ଥିତ ରହିଥିଲେ । ଯାଜପୁର ଜିଲ୍ଲାରେ କିଛି ଆକ୍ରାନ୍ତଙ୍କ ପାଖରେ କଲେରା ବ୍ୟାକ୍ଟେରିଆ ଚିହ୍ନଟ ପରେ ଚିନ୍ତା ବଢିଛି। ଏହାର ଅନୁଧ୍ୟାନ ପାଇଁ କେନ୍ଦ୍ରୀୟ ଟିମ୍ ଯାଜପୁର ଗସ୍ତ କରିଥିଲେ। ଜିଲ୍ଲାରେ ଝାଡାବାନ୍ତିରେ ମୋଟ ମୃତ୍ୟୁସଂଖ୍ୟା ୧୪କୁ ବୃଦ୍ଧି ପାଇଛି । ମୃତକ ଖଇରାବାଦ ଓ କୋଟବସନ୍ତ ଅଞ୍ଚଳର। ଯାଜପୁରରେ ୧୧ କଲେରା କେସ ଚିହ୍ନଟ ହେବା ପରେ ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ପାଣି ନପିଇବାକୁ ପରାମର୍ଶ ଦିଆଯାଇଛି । ସମ୍ପୃକ୍ତ ଅଞ୍ଚଳଗୁଡିକରେ ଥିବା ଜଳଉତ୍ସଗୁଡିକୁ ବିଶୋଧନ କରାଯିବା ସହ ଲୋକମାନଙ୍କୁ



ସଚେତନ କରାଯାଉଛି।

ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତି ବିଭାଗର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯାଜପୁର *(ପୃଷ୍ଠା ୭ରେ)*

## ବରୀରେ ୨ ସପ୍ତାହ ଖୋଲିବନି ହୋଟେଲ ସହିତ ଦୋକାନ

**ଭୁବନେଶ୍ୱର, ୧୫ା୬ : ନ୍ୟୁଜ୍ ବ୍ୟୁରୋ**

ଯାଜପୁର ସମେତ କେନ୍ଦୁଝର, ଢେଙ୍କାନାଳ, କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏବେ ଡାଇରିଆ ବ୍ୟାପିଛି । ଯାଜପୁର ଜିଲ୍ଲାର କିଛି ସ୍ଥାନରେ ହଇଜା ସଂକ୍ରମଣ *(ପୃଷ୍ଠା ୭ରେ)*

# ହଇଜାର ବ୍ୟାପକତାକୁ ରୋକିବା ପାଇଁ ତୁରନ୍ତ ଦୃଢ଼ ପଦକ୍ଷେପ ନିଅନ୍ତୁ ସରକାର

**ଭୁବନେଶ୍ୱର, ୧୫ା୬**
**ନ୍ୟୁଜ୍ ବ୍ୟୁରୋ**

ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ପରିଚାଳିତ ବିଜେପି ସରକାର ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ କେନ୍ଦୁଝର, ଯାଜପୁର, ଭଦ୍ରକ, ପୁରୀ ଓ କଟକରେ ଡାଇରିଆ ଓ ହଇଜା ସଂକ୍ରମଣ ବ୍ୟାପିଚାଲିଛି। ଏହାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ବିରୋଧୀ ଦଳର ନେତା ଶ୍ରୀ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଡାଇରିଆ ନିରାକରଣ ପାଇଁ ପରାମର୍ଶ ଦେଇଛନ୍ତି।



ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ହଇଜାରେ ୧୪ ଜଣ ପ୍ରାଣ ହରାଇବା ମୋତେ ବ୍ୟଥିତ କରିଛି। ସେମାନଙ୍କ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ମୋର ସମବେଦନା ଜଣାଉଛି । ଓଡ଼ିଶାରେ ହଇଜା ବ୍ୟାପୁଥିବା ବେଳେ ରାଜ୍ୟ ସରକାର ଏହାକୁ ହାଲକା ଭାବେ ନେବା ସମସ୍ତଙ୍କୁ ବେଶ ଚକିତ ଓ ବିଚଳିତ କରୁଛି । ଲୋକଙ୍କ ଜୀବନକୁ ଆଉ ବିପଦକୁ ନ ଠେଲି ସରକାର ସଜାଗ ହୁଅନ୍ତୁ, ହଇଜାର ବ୍ୟାପକତାକୁ ରୋକିବା ପାଇଁ ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ।

ସୂଚନାଯୋଗ୍ୟ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାଇରିଆ ସ୍ଥିତି ଉଦ୍‌ବେଗଜନକ ହେଲାଣି । ବିଶେଷ କରି ଯାଜପୁର ଜିଲ୍ଲାରେ ୧୪ ହଇଜା ରୋଗୀ ପ୍ରାଣ ହରାଇବା ଘଟଣା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ନିଦ ହଜାଇଦେଇଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୫୧୬ ଜଣ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି । କେଉଁ ପରିସ୍ଥିତିରେ ଏତେ ସଂଖ୍ୟାରେ ଲୋକ ଡାଇରିଆରେ ଆକ୍ରାନ୍ତ ହେଲେ ତା'ର କାରଣ ଖୋଜା ଆରମ୍ଭ ହୋଇଛି। ସେପଟେ ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରବିବାର ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍)ର ନିର୍ଦ୍ଦେଶକ ଡ. ବୃନ୍ଦା ଡି ଯାଜପୁର ଆସି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଭୁଶୁଡ଼ିଲା ବ୍ରିଜ୍ : ଭାସିଗଲେ ୨୦ରୁ ଅଧିକ ପର୍ଯ୍ୟଟକ

**ପୁନେ, ୧୫ା୬**

ଘଟିଲା ବଡ଼ ଅଘଟଣ । ନଦୀରେ ଭୁଶୁଡ଼ି ପଡ଼ିଲା ପୁରୁଣା ବ୍ରିଜ୍ । ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୨ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ୬ ଜଣଙ୍କୁ ନଦୀରୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ଆହୁରି ୧୫ରୁ ୨୦ ପର୍ଯ୍ୟଟକଙ୍କ ପତ୍ତା ମିଳୁନି। ସେମାନେ ନଦୀରେ ଭାସି ଯାଇଛନ୍ତି। ରବିବାର ଏହି ଅଘଟଣ ଘଟିଛି ମହାରାଷ୍ଟ୍ରର ପୁନେ ଜିଲ୍ଲାର କୁନ୍ଦମାଳାରେ।



କୁନ୍ଦମାଳା ଏକ ପର୍ଯ୍ୟଟନ ସ୍ଥଳୀ। ବିଶେଷ କରି ବର୍ଷା ଋତୁରେ ଏଠାକୁ ପର୍ଯ୍ୟଟକମାନେ ଆସିଥାନ୍ତି । ଦୁଇ ଦିନ ଧରି ସେହି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବାରୁ ଇନ୍ଦ୍ରାୟଣୀ ନଦୀରେ ପାଣି ଦେଖିବାକୁ ରବିବାର ଅପରାହ୍ନରେ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ଇନ୍ଦ୍ରାୟଣୀ ନଦୀ ଉପରେ ଥିବା ପୁରୁଣା ଲୁହା ବ୍ରିଜ୍‌ଟି ଦୁର୍ବଳ ହୋଇଯାଇଥିବା ସତ୍ତ୍ୱେ ତା' ଉପରେ ୫୦ରୁ ଅଧିକ ପର୍ଯ୍ୟଟକ ଛିଡା ହୋଇଥିଲେ। ଆଉ ହଠାତ ବ୍ରିଜ୍‌ଟି ଭୁଶୁଡ଼ି ପଡ଼ିଥିଲା। ବ୍ରିଜ୍‌ର ପାଖାପାଖି ଅଧା ଅଂଶ ଭୁଶୁଡ଼ି ପଡ଼ିଥିଲା।

ନଦୀରେ ପ୍ରବଳ ସ୍ରୋତ ଆସିବାର କିମ୍ବା ଅଧିକ ଓଜନ ଯୋଗୁ ବ୍ରିଜଟି ଭୁଶୁଡ଼ି ପଡ଼ିଥାଇପାରେ ବୋଲି କୁହାଯାଉଛି। ଭାସିଯାଇଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ ଚାଲିଛି । ଏଥିରେ ରାଜ୍ୟ ପୁଲିସ, ଡିଜାଷ୍ଟର ରିଲିଫ ୱାର୍କର ଓ ଏନଡିଆରଏଫକୁ ସାମିଲ କରାଯାଇଛି ।

ସୂଚନା ଅନୁଯାୟୀ, ବ୍ରିଜ୍‌ଟି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଥିଲା। ସେଥିପାଇଁ କିଛି ମାସ ତଳେ ଏହା ଉପରେ ଚଳପ୍ରଚଳକୁ ବନ୍ଦ କରି ଦିଆଯାଇଥିଲା। ତେବେ କଟକଣା ନମାନି ପର୍ଯ୍ୟଟକମାନେ ରବିବାର ତା' ଉପରେ ରୁଣ୍ଡ ହୋଇଥିଲେ।

ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି, ବ୍ରିଜ୍‌ଟିର ଅବସ୍ଥା ଖରାପ ଥିଲା । ସେଥିରେ ବହୁତ *(ପୃଷ୍ଠା ୭ରେ)*

## ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ବର୍ଷା



**ନୂଆଦିଲ୍ଲୀ, ୧୫ା୬**

ଇସ୍ରାଏଲ ରବିବାର ତେହେରାନର ପୋଲିସ କମାଣ୍ଡ ମୁଖ୍ୟାଳୟକୁ ଟାର୍ଗେଟ କରିଥିଲା । ଏଥିରେ ଅନେକ ପୋଲିସ ଆହତ ହୋଇଥିଲେ । ଇରାନ ପୋଲିସ ବାହିନୀ ଏକ ବିବୃତ୍ତିରେ ଆକ୍ରମଣ ହୋଇଥିବା ସ୍ପଷ୍ଟ କରିଛି । ଅଧିକାରୀଙ୍କ ଅନୁଯାୟୀ, ମୁଖ୍ୟାଳୟ କୋଠାକୁ ସାମାନ୍ୟ କ୍ଷତି ପହଞ୍ଚିଛି । ଏହି ଆକ୍ରମଣ ରାଜଧାନୀ ତେହେରାନର ଅନେକ ଅଞ୍ଚଳ ମଧ୍ୟରୁ ଗୋଟିଏ ଯେଉଁଠାରେ ଇସ୍ରାଏଲ ନିରନ୍ତର ବିମାନ ଆକ୍ରମଣ କରୁଛି । ସୁରକ୍ଷା ବାହିନୀକୁ ହାଇ ଆଲର୍ଟରେ ରଖାଯାଇଛି ଏବଂ ପରିସ୍ଥିତି ଉପରେ ନଜର ରଖାଯାଇଛି।

ସେପଟେ ଇସ୍ରାଏଲୀ ସେନା ସ୍ପଷ୍ଟ କରିଛି ଯେ, ଇରାନ ଇସ୍ରାଏଲ ଉପରେ ପୁଣି ଥରେ କ୍ଷେପଣାସ୍ତ୍ର ମାଡ଼ କରିଛି । ଏହି ଆକ୍ରମଣ ପରେ ସାରା ଦେଶରେ ସାଇରନ ବାଜିଥିବା ଜଣାପଡ଼ିଛି । ଲୋକଙ୍କୁ ବଙ୍କରକୁ ଯିବାକୁ ଚେତାବନୀ ଦିଆଯାଇଛି । ଇସ୍ରାଏଲ ପ୍ରତିରକ୍ଷା ବାହିନୀ ସୋସିଆଲ ମିଡିଆ ପ୍ଲାଟଫର୍ମ ରେ କହିଛି ଯେ, ଇରାନ ବଡ଼ ଧରଣର ଆକ୍ରମଣ କରୁଛି । ଏହାର ଜବାବ ଦିଆଯାଉଛି। ଏପର୍ଯ୍ୟନ୍ତ କ୍ଷୟକ୍ଷତି ରିପୋର୍ଟ କରାଯାଇ ନାହିଁ । କିନ୍ତୁ ସାରା ଦେଶରେ ସତର୍କତା ବୃଦ୍ଧି କରାଯାଇଛି ।

# ଡାଇରିଆ ସ୍ଥିତିନେଇ ଗୃହ ଏବଂ ନଗର ଉନ୍ନୟନ ବିଭାଗର ଆଲର୍ଟ

**ଭୁବନେଶ୍ୱର, ୧୫ା୬**
**ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରୁ ରାଜ୍ୟର ୬ ଜିଲ୍ଲାକୁ ବ୍ୟାପିଲାଣି ଝାଡ଼ାବାନ୍ତି । ବିଭିନ୍ନ ଜିଲ୍ଲାରୁ ଡାଇରିଆ ରୋଗୀଙ୍କ ସଂଖ୍ୟା ବଢୁଛି । ଏହାକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ଜରୁରୀ ମାର୍ଗଦର୍ଶିକା ଜାରି କରିଛି । ଯେଉଁଥିରେ ସହରାଞ୍ଚଳ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ତୁରନ୍ତ ପ୍ରତିରୋଧକ ଓ ପ୍ରତିକ୍ରିୟା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ପ୍ରାକ୍- ମୌସୁମୀ ସମୟରେ ସତର୍କ ରହିବା ସହିତ ଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା ଏବଂ ଲକ୍ଷଣ ଦେଖାଗଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢୀ ପାନୀୟ ଜଳର ସ୍ୱଚ୍ଛତା ନେଇ ସତର୍କତା ଏବଂ ବାସ୍ତବ ସମୟ ତଦାରଖ କରିବାକୁ ଅହ୍ୱାନ କରିଛନ୍ତି। ବିଶେଷ କରି ସହରାଞ୍ଚଳରେ ଅଧିକ ଧ୍ୟାନ ଦିଆଯିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଜିଲ୍ଲା ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀଙ୍କୁ ସଜାଗ ରହିବାକୁ କୁହାଯାଇଛି । ଯେକୌଣସି କ୍ଲଷ୍ଟରକୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିରୋଧ ହେଉଛି ମୁଖ୍ୟ ଚାବିକାଠି। ଏହାକୁ ଗୁରୁତ୍ୱ ଦେବା ଦରକାର । ସାମ୍ପ୍ରତିକ ସୁରକ୍ଷାକୁ ଗୁରୁତ୍ୱ ଦେବା ସହିତ ଡାଇରିଆ ବ୍ୟାପିବାକୁ ରୋକିବା ପାଇଁ କାର୍ଯ୍ୟ କରିବାକୁ ପଡିବ ବୋଲି କହିଛନ୍ତି ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ।

ଯାଜପୁର ଓ ଭଦ୍ରକ ପରେ ଏବେ ପଡୋଶୀ ଜିଲ୍ଲାକୁ ବ୍ୟାପୁଛି ଝାଡ଼ାବାନ୍ତି । ପ୍ରାୟ ୬ ଜିଲ୍ଲାକୁ ବ୍ୟାପିଲାଣି *(ପୃଷ୍ଠା ୭ରେ)*

# ଏଫଆଇଆରଠାରୁ ଚୂଡ଼ାନ୍ତ ରାୟ ପର୍ଯ୍ୟନ୍ତ ୩ ବର୍ଷରେ ମିଳିବ ନ୍ୟାୟ



**ଲକ୍ଷ୍ନୌ, ୧୫ା୬**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର କହିଛନ୍ତି ଯେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏପରି ଏକ ବ୍ୟବସ୍ଥା ହେବ ଯଦ୍ୱାରା ସମୟବଦ୍ଧ ଭିତ୍ତିରେ ନ୍ୟାୟ ମିଳିବ। ଲକ୍ଷ୍ନୌରେ ଆୟୋଜିତ ନିଯୁକ୍ତି ପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ କହିଛନ୍ତି ଯେ ପାଞ୍ଚ ବର୍ଷ ମଧ୍ୟରେ ଦେଶରେ ଏପରି ଏକ ବ୍ୟବସ୍ଥା କରାଯିବ ଯେ ଯଦି କୌଣସି ଏଫଆଇଆର ପଞ୍ଜିକୃତ ହୁଏ, ତେବେ ନାଗରିକଙ୍କୁ ତିନି ବର୍ଷ ମଧ୍ୟରେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନ୍ୟାୟ ମିଳିବ।

ଏହି ସମୟରେ ସେ କେନ୍ଦ୍ରରେ ମୋଦୀ ସରକାର ଏବଂ ରାଜ୍ୟରେ ଯୋଗୀ ସରକାରଙ୍କ ପ୍ରଶଂସା କରିଥିଲେ। ଅମିତ ଶାହ କହିଥିଲେ ଯେ ମୋଦୀ *(ପୃଷ୍ଠା ୭ରେ)*

# ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ : ୭ ମୃତ

**ଉତ୍ତରାଖଣ୍ଡ, ୧୫ା୬**

ଉତ୍ତରାଖଣ୍ଡର କେଦାରନାଥ ଧାମରୁ ଗୁପ୍ତକାଶୀ ଯାଉଥିବା ବେଳେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୨୩ ମାସର ଶିଶୁକନ୍ୟା ଅଛନ୍ତି। ଗତ ମେ ୨ ତାରିଖରେ କେଦାରନାଥ ଧାମ ଖୋଲିବା ପରଠାରୁ ଅର୍ଥାତ ଗତ ୬ ସପ୍ତାହ ମଧ୍ୟରେ ଏହା ହେଉଛି ୫ମ ହେଲିକପ୍ଟର ଦୁର୍ଘଟଣା। ରବିବାର ସକାଳ ୫ଟା ୧୦ ମିନିଟରେ ଆର୍ଯ୍ୟନ ଏଭିଏସେନର ଏହି ହେଲିକପ୍ଟରଟି



କେଦାରନାଥ ଧାମରୁ ଗୁପ୍ତକାଶୀ ଅଭିମୁଖେ ଉଡାଣ ଆରମ୍ଭ କରିଥିଲା । ଉଡାଣ ଭରିବାର ୧୦ ମିନିଟ ପରେ ୫ଟା ୨୦ରେ ଏହା ଗୌରୀକୁଣ୍ଡ ଓ ସୋନପ୍ରୟାଗ ମଧ୍ୟରେ ଏକ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ହେଲିକପ୍ଟରଟି ତଳେ ପଡ଼ିବା ପରେ ସେଥିରେ ନିଆଁ ଲାଗି ଯାଇଥିଲା। ଫଳରେ ପାଇଲଟଙ୍କ ସହିତ ସେଥିରେ ଥିବା ସମସ୍ତ ଯାତ୍ରୀ ଜଳି ଯାଇଥିଲେ ବୋଲି ଉତ୍ତରାଖଣ୍ଡ ବେସାମରିକ ବିମାନ ଚଳାଚଳ ପ୍ରାଧିକରଣ ପକ୍ଷରୁ କୁହାଯାଇଛି। ହେଲିକପ୍ଟରଟି ଯାତ୍ରୀଙ୍କୁ ଧରି କେଦାରନାଥରୁ ଗୁପ୍ତକାଶୀ *(ପୃଷ୍ଠା ୭ରେ)*

## ଆମେରିକା ଉପରେ ଆକ୍ରମଣ କଲେ ଇରାନକୁ ଧ୍ୱଂସ କରିଦେବୁ :ଟ୍ରମ୍ପ

**ୱାଶିଂଟନ, ୧୫ା୬**

ଇସ୍ରାଏଲକୁ ଯେଉଁ ଦେଶ ସହଯୋଗ କରିବ ତା'ଉପରେ ଇରାନ ଆକ୍ରମଣ କରିବ। ଆମେରିକା, ଫ୍ରାନ୍ସ ଓ ବ୍ରିଟେନ ସମେତ ଅନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଇରାନ ଏଭଳି ଧମକ ଦେଇଥିଲା । ରବିବାର ଏହାର ଜବାବ ଦେଇଛି ଆମେରିକା । ଆମେରିକା ଉପରେ ଆକ୍ରମଣ କଲେ ଇରାନକୁ ଧ୍ୱଂସ କରିଦେବୁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଡ଼ା ଚେତାବନୀ ଦେଇଛନ୍ତି।

ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ହଇଜା ଡେଉଁଛି ଜିଲ୍ଲାକୁ ଜିଲ୍ଲା
ଜନେ ରଖି ଥାଅ ଜାଣି
ଖବରକୁ ଜମା ଆଡେଇ ଯାଆନି
ସବୁରି ମୂଳରେ ପାଣି
ପିଇବ ଫୁଟେଇ ଛାଣି
ସଫାସୁତୁରା ସତର୍କ ରହିଲେ
ବଞ୍ଚିକି ରହିବ ପ୍ରାଣୀ ।

# ବିମାନର ଧ୍ୱଂସାବଶେଷ ତଳୁ ସୁରକ୍ଷିତ ଭାବେ ଉଦ୍ଧାର ହେଲେ ଲଡୁ ଗୋପାଳ



**ନୂଆଦିଲ୍ଲୀ, ୧୫ା୬**

୨୦୨୫ ଜୁନ ୧୨ ତାରିଖରେ ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ବିମାନ ଏଆଇ ୧୭୧ ଏକ ଭୟାବହ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ।

୨୩୦ ଯାତ୍ରୀ ଏବଂ ୧୨ ଜଣ କ୍ରୁ ସଦସ୍ୟଙ୍କୁ ନେଇ ବୋଇଂ ୭୮୭-୮ ଡ୍ରିମଲାଇନର ଉଡ଼ାଣ ଆରମ୍ଭ ହେବାର ୫୯ ସେକେଣ୍ଡ ପରେ ମେଘନଗରର ବି.ଜେ. ମେଡିକାଲ କଲେଜର ହଷ୍ଟେଲରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ଏହି ଦୁର୍ଘଟଣାରେ ୨୪୧ ଜଣଙ୍କ ଜୀବନ ଯାଇଥିଲା। ବେଳେ ୨୫ରୁ ଅଧିକ ଆହତ ହୋଇଥିବା ସୂଚନା ମିଳିଥିଲା। ସୌଭାଗ୍ୟବଶତଃ ଏହି ଭୟାବହ ବିସ୍ଫୋରଣରେ କେବଳ ଜଣେ ମାତ୍ର ଯାତ୍ରୀ ଚମତ୍କାର ଭାବେ ବଞ୍ଚି ଯାଇଛନ୍ତି। ଏହି ଯାତ୍ରୀଙ୍କ ନାମ ବିଶ୍ୱାସ କୁମାର ରମେଶ।

ଏହି ଦୁଃଖଦ ଘଟଣାରେ ଆଉ ଏକ ଚମତ୍କାର ଦୃଶ୍ୟ ସାମ୍ନାକୁ ଆସିଛି । ଜୟଶ୍ରୀ ପଟେଲଙ୍କ ଲଡ଼ୁ ଗୋପାଳ ମୂର୍ତ୍ତିକୁ ସୁରକ୍ଷିତ ଭାବେ ବିସ୍ଫୋରଣ ହୋଇଥିବା ବିମାନର ଧ୍ୱଂସାବଶେଷ ଭିତରୁ ଉଦ୍ଧାରକାରୀ ଦଳମାନେ ଉଦ୍ଧାର କରିଛନ୍ତି।

ଲୋକମାନେ ଏହାକୁ ଭଗବାନ କୃଷ୍ଣଙ୍କ ଲୀଳା ଏବଂ ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ ବୋଲି ମାନିଛନ୍ତି । କାରଣ ଭୟଙ୍କର ନିଆଁ ଏବଂ ବିସ୍ଫୋରଣରେ *(ପୃଷ୍ଠା ୭ରେ)*

# ଟ୍ରମ୍ପଙ୍କ ସହ ୫୦ ମିନିଟ ଆଲୋଚନା କଲେ ପୁଟିନ

**ୱାଶିଂଟନ, ୧୫ା୬**

ମଧ୍ୟପ୍ରାଚ୍ୟ ବହୁ ଦିନ ଧରି ସଂଘର୍ଷର ନିଆଁରେ ଜଳୁଛି । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବିବାଦ ଏହି ନିଆଁକୁ ଆହୁରି ଘୋର କରିଛି । ଗତ ୪୮ଘଣ୍ଟା ଧରି ଉଭୟ ଦେଶ ପରସ୍ପର ଉପରେ ନିରନ୍ତର କ୍ଷେପଣାସ୍ତ୍ର ମାଡ଼ କରୁଛନ୍ତି । ଏହି ସମୟରେ, ମଧ୍ୟପ୍ରାଚ୍ୟର ବର୍ତ୍ତମାନର ପରିସ୍ଥିତି ବିଷୟରେ ଆଲୋଚନା କରିବା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଏକ ଫୋନ ବାର୍ତ୍ତାଳାପ ହୋଇଛି।

ରୁଷିଆ ରାଷ୍ଟ୍ରପତି କାର୍ଯ୍ୟାଳୟ କ୍ରେମଲିନର ଜଣେ ଅଧିକାରୀ ୟୁରି ଉଶାକୋଭ କହିଛନ୍ତି ଯେ, ପୁଟିନ ଏବଂ ଟ୍ରମ୍ପଙ୍କ ମଧ୍ୟରେ ୫୦ ମିନିଟର ଆଲୋଚନା ସକାରାତ୍ମକ ଥିଲା। ଏହି ଆଲୋଚନାରେ ଦୁଇ ନେତା ମଧ୍ୟପ୍ରାଚ୍ୟ ଉପରେ ଇସ୍ରାଏଲ-ଇରାନ ସଂଘର୍ଷର ଗମ୍ଭୀର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ।

ଉଶାକୋଭଙ୍କ ଅନୁଯାୟୀ, ପୁଟିନ ଇସ୍ରାଏଲ ଏବଂ ଇରାନର ନେତାମାନଙ୍କ ସହ ତାଙ୍କର ଆଲୋଚନାର ବିବରଣୀ ମଧ୍ୟ ଟ୍ରମ୍ପଙ୍କ ସହ ସେୟାର କରିଥିଲେ। ପୁଟିନ ଇରାନ ବିରୁଦ୍ଧରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରିଥିଲେ ଏବଂ ଏହି ସଂଘର୍ଷ ଦ୍ୱାରା ସୃଷ୍ଟି ହୋଇଥିବା ଉତ୍ତେଜନା ଉପରେ ଗମ୍ଭୀର ଚିନ୍ତା ପ୍ରକାଶ କରି *(ପୃଷ୍ଠା ୭ରେ)*





## ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ପରିଦର୍ଶନ କଲେ ରାଜ୍ୟପାଳ

# ରକ୍ତହୀନତା ଏବଂ ଦୃଷ୍ଟି ସମସ୍ୟା ନିରାକରଣ ପାଇଁ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହିଳା ଓ କିଶୋରୀମାନଙ୍କର ରକ୍ତହୀନତା ଏବଂ ପିଲାମାନଙ୍କର ଦୃଷ୍ଟି ସମସ୍ୟା ନିରାକରଣ ଉପରେ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମ୍ ପାଟି ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଏବଂ ଶିଶୁ ପ୍ରତିଷ୍ଠାନ ପରିଦର୍ଶନ ସମୟରେ ବୃଦ୍ଧି ପାଉଥିବା ରକ୍ତହୀନତା ଓ ଦୃଷ୍ଟି ସମସ୍ୟା ଚିନ୍ତାଜନକ ବୋଲି ରାଜ୍ୟପାଳ କହିବା ସହିତ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ । ନିୟମିତ ପରୀକ୍ଷା ଏବଂ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରି ହିମୋଗ୍ଲୋବିନ ସ୍ତରକୁ ଉନ୍ନତ କରିବାରେ ସାହାଯ୍ୟ କରିବା ପାଇଁ ଦୈନନ୍ଦିନ ଖାଦ୍ୟରେ ଗାଜର- ବିଟ୍ ଜୁସ୍, ଚିକି ଭଳି ଖାଦ୍ୟ ସମଗ୍ରୀ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । ଏହିପରି ଖାଦ୍ୟପେୟର ଉପଯୋଗୀତା ଜାଣିବା ପାଇଁ ପରବର୍ତ୍ତୀ ପରୀକ୍ଷା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ।



ସ୍କୁଲ ପିଲାମାନଙ୍କ ମଧ୍ୟରେ ବର୍ଦ୍ଧିତ ଦୃଷ୍ଟି ସମସ୍ୟା ଉପରେ ରାଜ୍ୟପାଳ ଚିନ୍ତା ପ୍ରକଟ କରି ପ୍ରତ୍ୟେକ ସ୍କୁଲରେ ଅତି କମରେ ଜଣେ ଶିକ୍ଷକଙ୍କୁ ପିଲାଙ୍କର ଆଖି ସମସ୍ୟା ଚିହ୍ନଟ ପାଇଁ ମୌଳିକ ତାଲିମ ଦିଆଯିବାର ଆବଶ୍ୟକତା ରହିଛି ବୋଲି କହିବା ସହିତ ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରିବେ ବୋଲି କହିଥିଲେ । ପରିଦର୍ଶନ ସମୟରେ ରାଜ୍ୟପାଳ ପ୍ରତିଷ୍ଠାନରେ ଉପଲବ୍ଧ ସୁବିଧା, ମାଳତୀ ଚୌଧୁରୀ ନିବାସ, ରେସିପି ଓ ଟୋୟାଥନ ପ୍ରଦର୍ଶନ ୟୁନିଟ, ମଡେଲ ଅଙ୍ଗନବାଡି କେନ୍ଦ୍ର, ଯୋଗକେନ୍ଦ୍ର ଏବଂ ପାଠାଗାର ପରିଦର୍ଶନ କରିଥିଲେ । ପ୍ରଶିକ୍ଷାର୍ଥୀମାନଙ୍କ ସହିତ ବାର୍ତ୍ତାଳାପ କରି ସେମାନଙ୍କର ତାଲିମ, ଉପଲବ୍ଧ ସୁବିଧା ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସଚେତନ ଅଛନ୍ତି କି ନାହିଁ ପଚାରି ବୁଝିଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ସମସ୍ତ ଯୋଜନାଗୁଡିକ ତାଲିକାଭୁକ୍ତ କରି ଏବଂ ପୁସ୍ତିକା ପ୍ରସ୍ତୁତ କରି ପ୍ରତିଷ୍ଠାନର ପ୍ରଶିକ୍ଷାର୍ଥୀମାନଙ୍କୁ ବଂଟନ କରିବାକୁ କର୍ମକର୍ତ୍ତାମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏହା ହେଲେ ଆଗ ଧାଡ଼ିର କର୍ମୀମାନଙ୍କ ଦ୍ୱାରା ତୃଣମୂଳ-ସ୍ତରରେ ସଚେତନତା ବୃଦ୍ଧି କରିବାରେ ସହାୟକ ହେବ ଏବଂ ଅଧିକ ଲୋକ ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ ବୋଲି କହିଥିଲେ । ଏହି ଅବସରରେ ପ୍ରତିଷ୍ଠାନର କାର୍ଯ୍ୟଧାରା ସମ୍ପର୍କିତ ତଥ୍ୟ ରାଜ୍ୟପାଳଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇଥିଲା । ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ରାଜ୍ୟପାଳଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ ।

## ମାଡ଼ିଆସୁଛି ବଡ଼ ବିପର୍ଯ୍ୟୟ ! ତ୍ରାହି ତ୍ରାହି ଡାକିବେ ଲୋକେ

# ଆଗାମୀ ୫ ବର୍ଷ ମଧ୍ୟରେ ବଢ଼ିଯିବ ବିଶ୍ୱର ତାପମାତ୍ରା : ଡବ୍ଲୁଏମ୍‌ଓ

**ନୂଆଦିଲ୍ଲୀ:**

ଚେତାବନୀ ପରେବି ସୁଧୁରୁନି ମାନବ ସମାଜ । ଜାରି ରଖିଛି ଜଳବାୟୁକୁ ପ୍ରଭାବିତ କରୁଥିବା କାର୍ଯ୍ୟକଳାପ । ଅଙ୍ଗାରକାମ୍ଳ ଏବଂ ଗ୍ରୀନ୍ ହାଉସ୍ ଗ୍ୟାସ୍‌ର ନିର୍ଗମନରେ କୌଣସି ହ୍ରାସ ହେଉନାହିଁ । ଏହାର କୁ-ପ୍ରଭାବ ଜଳବାୟୁ ଉପରେ ପଡିଛି । ହେଲେ ଏବେ କର୍ମର ଫଳ ଭୋଗିବାକୁ ପ୍ରସ୍ତୁତ ରୁହ । ଆଗାମୀ ୫ ବର୍ଷ ମଧ୍ୟରେ ହଠାତ୍ ବଢ଼ିଯିବ ବିଶ୍ୱର ତାପାମାତ୍ର । ଏଭଳି ଚାଞ୍ଚଲ୍ୟକର ତଥ୍ୟ ଦେଇଛି ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲୁଏମ୍‌ଓ) । ରିପୋର୍ଟ ଅନୁଯାୟୀ, ୨୦୨୫ରୁ ୨୦୨୯ ମଧ୍ୟରେ ବିଶ୍ୱ ହାରାହାରି ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ୍ ଅଧିକ ହେବାର ୭୦ ପ୍ରତିଶତ ସମ୍ଭାବନା ରହିଛି । ଅଧିକ ତାପମାତ୍ରା ଯୋଗୁଁ ସାଧାରଣ ଜୀବନ ପ୍ରଭାବିତ ହେବ । କେଉଁଠି ବରଫ ତରଳିବ ତ ଆଉ କେଉଁଠି ଦେଖାଦେବ ମରୁଡି । ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ୨୦୨୪ ଥିଲା ସବୁଠୁ ଉତ୍ତପ୍ତ ବର୍ଷ ଅର୍ଥାତ୍ ବିଶ୍ୱର ହାରାହାରି ତାପମାତ୍ରା ୧୮୫୦-୧୯୦୦ ପୂର୍ବ ସ୍ତର ଅପେକ୍ଷା ୧.୫ ଡିଗ୍ରୀ ସେଲସିୟସ୍ ଅଧିକ ଥିଲା । କିନ୍ତୁ ଚିନ୍ତାର ବିଷୟ ଆଗାମୀ ପାଞ୍ଚ ବର୍ଷ ମଧ୍ୟରୁ ଯେକୌଣସି ଗୋଟିଏ ବର୍ଷର ତାପମାତ୍ରା ୨୦୨୪କୁ ବି ଅତିକ୍ରମ କରିପାରେ । ଡବ୍ଲୁଏମ୍‌ଓ ରିପୋର୍ଟ ଅନୁଯାୟୀ, ୨୦୨୯ ମଧ୍ୟରେ ପ୍ରତି ବର୍ଷର ହାରାହାରି ତାପମାତ୍ରା ୧୮୫୦-୧୯୦୦ ଅପେକ୍ଷା ୧.୨ ରୁ ୧.୯ ଡିଗ୍ରୀ ସେଲସିୟସ୍ ଅଧିକ ହେବାର ସମ୍ଭାବନା ଅଛି । ଏହି ସମୟ ମଧ୍ୟରେ ଅତି କମରେ ଗୋଟିଏ ବର୍ଷର ତାପମାତ୍ରା ୧.୫ ଡିଗ୍ରୀ ଅତିକ୍ରମ କରିବାର ୮୬ ପ୍ରତିଶତ ସମ୍ଭାବନା ଅଛି ।



ଡବ୍ଲୁଏମ୍‌ଓ ଉପସଚିବ ଜନମ୍ୟାନ କୋ ବାରେଟ୍ କହିଛନ୍ତି, 'ଆମେ ଲଗାତାର ୧୦ଟି ଉତ୍ତପ୍ତ ବର୍ଷ ଅନୁଭବ କରିଛୁ । ଏହି ରିପୋର୍ଟ ଦର୍ଶାଉଛି ଯେ ଆଗାମୀ ବର୍ଷଗୁଡ଼ିକରେ ଗରମରୁ କୌଣସି ମୁକ୍ତି ମିଳିବ ନାହିଁ । ଏହା ଆମର ଅର୍ଥନୀତି, ଜୀବନଶୈଳୀ, ପରିବେଶ ଏବଂ ସମଗ୍ର ଗ୍ରହ ଉପରେ ନକାରାତ୍ମକ ପ୍ରଭାବ ପକାଇବ ।' ଦକ୍ଷିଣ ଏସିଆ ବିଷୟରେ କହିବାକୁ ଗଲେ, ଡବ୍ଲୁଏମ୍‌ଓ କହିଛି ଯେ ୨୦୨୫ ରୁ ୨୦୨୯ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବାର ଧାରା ଜାରି ରହିପାରେ । ସେହିପରି ଆଇଏମଡି ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରୁ ଚାରି ବର୍ଷରେ ମୌସୁମୀ ସ୍ୱାଭାବିକ ଠାରୁ ଅଧିକ ହୋଇଛି । ଏହି ବର୍ଷ ମଧ୍ୟ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବାର ଆଶା କରାଯାଉଛି । ରିପୋର୍ଟ ଅନୁଯାୟୀ, ଆଗାମୀ ପାଞ୍ଚଟି ଶୀତ ଋତୁରେ ଆର୍କଟିକ୍ ବା ବରଫାବୃତ ଅଞ୍ଚଳରେ ତାପମାତ୍ରା ୨.୪ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ । ଏହି ସମୟ ମଧ୍ୟରେ ବାରେଣ୍ଟସ୍, ବେରିଂ ଏବଂ ଓଖୋଟସ୍କ ସମୁଦ୍ରରେ ବରଫ ଆହୁରି ହ୍ରାସ ପାଇବାର ସମ୍ଭାବନା ଅଛି । ମେ' ଏବଂ ସେପ୍ଟେମ୍ବର ମଧ୍ୟରେ, ସାହେଲ, ଉତ୍ତର ୟୁରୋପ, ଆଲାସ୍କା ଏବଂ ଉତ୍ତର ସାଇବେରିଆରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇପାରେ, ଯେତେବେଳେ ଆମାଜନ ଅଞ୍ଚଳରେ ଶୁଷ୍କତା ବୃଦ୍ଧି ପାଇପାରେ । ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ଯଦି ମାନବଜାତି ଅଙ୍ଗାରକାମ୍ଳ ନିର୍ଗମନକୁ ନିୟନ୍ତ୍ରଣ ନ କରେ, ତେବେ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଆହୁରି ଗୁରୁତର ହେବ ।

# ରାଜଧାନୀରେ ବାର୍ ବାହାରେ ତାଲା, ସାରାରାତି ଖୋଲା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାହାରେ ତାଲା, ଭିତରେ ମେଲା । ଜମୁଛି ମଦ ଆସର ଡିଜେ ତାଳେ ତାଳେ ମତୁଆଲା ହେଉଛନ୍ତି ଯୁବକ ଓ ଯୁବତୀ । ରଙ୍ଗ ବେରଙ୍ଗ ଆଲୁଅର ଲୁଚକାଳି ଭିତରେ ବାରଗାର୍ଲ ନାଚୁଛନ୍ତି । ଏସବୁ ଚାଲୁଛି ଅନେକ ରାତିଯାଏ । ଯଦିଓ ନିର୍ଦ୍ଧାରିତ ୧୨ଟା ପର୍ଯ୍ୟନ୍ତ ବାର୍ ଖୋଲିବାର ନିୟମ ରହିଛି । ଯେଉଁମାନେ ଚାହିବେ, ସେମାନେ ଅବକାରୀ ବିଭାଗ ଠାରୁ ସ୍ୱତନ୍ତ୍ର ଅନୁମତି ନେଇ ଅତିବେଶୀରେ ରାତି ୧.୩୦ ପର୍ଯ୍ୟନ୍ତ ବାର୍ ଖୋଲିପାରିବେ । ହେଲେ ଶନି ଓ ରବିବାର ଭଳି ଛୁଟି ଦିନରେ ରଙ୍ଗିନ ଆସରର ଅବଧି ଆହୁରି ଲମ୍ବି ଯାଉଛି । ଅଧିକାଂଶ ବାର୍‌ରେ ଗ୍ରାହକଙ୍କ ଖୁସି ପାଇଁ ଭୋର୍ ପର୍ଯ୍ୟନ୍ତ ମଦ ପରଷା ଯାଉଛି । ବାର୍ ଗାର୍ଲମାନଙ୍କୁ ନୃତ୍ୟ ଜାରି ରଖିବାକୁ ବାଧ କରାଯାଉଛି । କେତେକ ବାର୍ ମାଲିକ ଅବକାରୀ ବିଭାଗ ଓ କମିଶନରେଟ୍ ପୁଲିସର ନିୟମ ବା ମାର୍ଗଦର୍ଶିକାକୁ ଫୁ' କରି ରାଜଧାନୀରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଚାଳାଉଛନ୍ତି ।

ସହରରେ ୭୬ଟି ବାର୍ ଆଣ୍ଡ ରେଷ୍ଟୋରାଁ ଥିବାବେଳେ ୨୨ଟି ହୋଟେଲରେ ମଧ୍ୟ ବାର୍ ରହିଛି । ବାର୍ ବନ୍ଦ ସମୟ, ବାର୍ ଗାର୍ଲ ନିଯୁକ୍ତି, ଗ୍ରାହକଙ୍କ ସୁରକ୍ଷା ନେଇ ଯାହା ସବୁ ନିୟମ ରହିଛି, ସେସବୁକୁ ସହରର କ୍ୱଚିତ୍ ବାର୍ ପାଳନ କରୁଛନ୍ତି । ଅଧିକାଂଶ ଖୋଲାଖୋଲି ଭାବେ ନିୟମ ଉଲ୍ଲଂଘନ କରି ଚାଲିଛନ୍ତି । ତେଣୁ ଡ୍ୟାନ୍ସରଙ୍କୁ ନିର୍ଯାତନା, ଗଣ୍ଡଗୋଳ, ଦାଦାଗିରି ଓ ଗ୍ରାହକଙ୍କୁ ଆକ୍ରମଣ ଆଦି ଅଭିଯୋଗ ନିୟମିତ ଆସିବାରେ ଲାଗିଛି । ବାର୍ ଯୋଗୁ ବଢ଼ୁଥିବା ଅପରାଧରେ ରୋକ ଲଗାଇବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । କିଛି ମାସ ତଳେ ଅଶୋକନଗର ଅଞ୍ଚଳରେ ଥିବା ଏକ ବାର୍‌ରେ ଦୁଇଜଣ




ଡ୍ୟାନ୍ସରଙ୍କୁ ପାରିଶ୍ରମିକ ବଦଳରେ ଅକଥନୀୟ ନିର୍ଯାତନା ଦିଆଯାଇଥିଲା । ସେମାନଙ୍କୁ ଭୋର ପର୍ଯ୍ୟନ୍ତ ନୃତ୍ୟ ପରିବେଷଣ କରିବାକୁ ବାଧ କରାଯାଇଥିଲା । ସେମାନେ ମାଲିକଙ୍କ କଥାରେ ରାଜି ନହେବାରୁ ନିସ୍ତୁକ ମାଡ଼ ମରାଯାଇଥିଲା । ଖାଲି ଏତିକି ନୁହେଁ ଗ୍ରାହକଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ କୁହାଯାଇଥିଲା । କୌଶଳ କ୍ରମେ ଦୁଇ ବାର୍‌ଗାର୍ଲ ସେଠାରୁ ଖସିଆସି କ୍ୟାପିଟାଲ୍ ଥାନାରେ ଅଭିଯୋଗ ପରେ ଘଟଣା ପଦାକୁ ଆସିଥିଲା । ରିପୋର୍ଟ ହୋଇନଥିବା ଏଭଳି ଅନେକ ଘଟଣା ରହିଛି ବୋଲି ଅଭିଯୋଗ ହୁଏ ।

ବାର୍‌ର ରଙ୍ଗିନ ଆଲୋକ ଓ ଉଚ୍ଚାଙ୍ଗ ସଙ୍ଗୀତର ତାଳେତାଳେ ବିଳମ୍ବିତ ରାତି ଯାଏଁ ଝୁମୁଛନ୍ତି ଗ୍ରାହକ । ଅଧିକାଂଶ ବାର୍‌ରେ ନାଚୁଥିବା ଯୁବତୀଙ୍କ ବୟସ ୨୧ ବର୍ଷରୁ କମ୍ । ନିଶା ଚଢ଼ିବା ପରେ ନାଚୁଥିବା ବାର୍ ଗାର୍ଲଙ୍କ ଉପରେ ନକଲି ଟଙ୍କା ଉଡ଼ାଉଛନ୍ତି । କିଛିଦିନ ତଳେ ଅବକାରୀ ବିଭାଗ ପକ୍ଷରୁ ରାଜଧାନୀର ବାର୍ ଗୁଡ଼ିକ ଉପରେ ଚଢ଼ଉ ବେଳେ ଏଭଳି ଘଟଣା ପଦାକୁ ଆସିଥିଲା । ବାର୍‌ରେ ନକଲି ଟଙ୍କା ଓ ୨୧ ବର୍ଷରୁ କମ୍ ଯୁବତୀ ନୃତ୍ୟ କରିପାରିବେ ନାହିଁ ବୋଲି ନିୟମ ରହିଥିଲେ ମଧ୍ୟ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି । ବିଳମ୍ବିତ ରାତି ଯାଏ ବେଆଇନ ଭାବେ ବାର୍ ଚଳାଇବା ପାଇଁ କେତେକ ବାର୍ ମାଲିକ ବିଭିନ୍ନ ଗ୍ୟାଙ୍ଗ୍‌ର ସହାୟତା ନେଉଛନ୍ତି ।

ରାତି ଅଧଯାଏ ବାର୍ ଭିତରେ ଯୁବକ ଯୁବତୀମାନେ ମତୁଆଲା ହୋଇ ବାର୍‌ରୁ ବାହାରି ବାହାରେ ଉତ୍ପାତ କରୁଛନ୍ତି, ବିଚ୍ ରାସ୍ତାରେ ଆତଙ୍କ ରଚୁଛନ୍ତି । ଗତମାସରେ କେଶୁରା ଅଞ୍ଚଳରେ ଥିବା ଏକ ବାର୍‌ରେ ପଶି କର୍ମଚାରୀଙ୍କୁ ହଣାକଟା ଘଟଣାରେ ବଡ଼ଗଡ଼ ଥାନା ପୁଲିସ ଜଣକୁ ଗିରଫ କରିଥିଲା । ପ୍ରତିଦିନ ଏଭଳି କିଛି ନା କିଛି ଘଟଣା ଘଟୁଛି । ଖାଲି ଏତିକି ନୁହେଁ; ବିଳମ୍ବିତ ରାତି ଯାଏ ବାର୍ ଖୋଲା ରହିବା ହିଁ ଅପରାଧୀମାନଙ୍କୁ ସୁହାଉଛି ।

ଅନ୍ୟପଟେ ଅବକାରୀ ଅଧିକାରୀ ଦେବାଶିଷ ପଟେଲ୍ କହିଛନ୍ତି ଯେ କେତେକ ବାର୍ ନିୟମ ଉଲ୍ଲଂଘନ କରିଥିଲେ । ସେଥିପାଇଁ ସେମାନଙ୍କୁ ନୋଟିସ୍ ମଧ୍ୟ କରାଯାଇଥିଲା । କିଛି ବାର୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି । ଏହାଛଡ଼ା ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସମସ୍ତ ବାର୍ ଉପରେ ନଜର ରଖାଯାଇଛି । ଟିମ୍ ରାତି ୩ଟା ପର୍ଯ୍ୟନ୍ତ କଡ଼ାକଡ଼ି ଯାଞ୍ଚ କରୁଛି । ଏମିତିକି ସନ୍ଦେହ ହେଲେ ବାର୍‌କୁ ଯାଇ ସିସିଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ କରାଯାଉଛି । ଯଦି କୌଣସି ବାର୍ ନିୟମ ଉଲ୍ଲଂଘନ ନେଇ ନଜରକୁ ଆସେ ତେବେ ସମ୍ପୃକ୍ତ ବାର୍‌କୁ ପୂରା ବନ୍ଦ କରିଦିଆଯିବ ବୋଲି ସେ କହିଛନ୍ତି ।

# ଶହୀଦ ଏଏସପି ଆକାଶ ଗିରପୁଞ୍ଜେଙ୍କୁ ଦିଆଗଲା ଗାର୍ଡ ଅଫ ଅନର

**ରାୟପୁର, ନ୍ୟୁଜ ବ୍ୟୁରୋ**

ସୁକମା ନକ୍ସଲୀ ଆଇଇଡି ବିସ୍ଫୋରଣରେ ସହୀଦ ହୋଇଥିବା ଏଏସପୀ ଆକାଶ ରାଓ ଗିରପୁଞ୍ଜେଙ୍କୁ ରାୟପୁରର ମାନା ପୋଲିସ ବଟାଲିୟନରେ ସୋମବାର ସକାଳେ ଗାର୍ଡ ଅଫ ଅନର ଦିଆଯାଇଛି ।ପରିବେଶ ସେହି ସମୟରେ ଅତ୍ୟନ୍ତ ଦୁଃଖ ହୋଇଥିବାବେଳେ ତାଙ୍କ ପତ୍ନୀ, ପୁତ୍ର ଏବଂ ମା ତାଙ୍କୁ କାନ୍ଦି କାନ୍ଦି ସାଲ୍ୟୁଟ କରି ଶେଷ ବିଦାୟ ଦେଇଥିଲେ, ସେଠାରେ ତାଙ୍କ ବାପା କାନ୍ଦୁଥିଲେ । ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବସାୟ, ବିଧାନସଭା ଅଧ୍ୟକ୍ଷ ଡା.ରମନ ସିଂହ, ଉପ ମୁଖ୍ୟମନ୍ତ୍ରୀ ଅରୁଣ ସାଓ ଏବଂ ବିଜୟ ଶର୍ମା ସମେତ ଛତିଶଗଡ ଶାସନର ଅଧିକାରୀ ଏବଂ ପୋଲିସ ଅଧିକାରୀ ମଧ ସେମାନଙ୍କ ଭାବପ୍ରବଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହା ପୁର୍ବରୁ ତାଙ୍କର ଶେଷ ଯାତ୍ରା ଆଜି ସକାଳେ କୁଶାଳପୁର ସ୍ଥିତ ବାସଭବନରୁ ବାହାରିଥିଲା । ଲୋକମାନେ ଯେପର୍ଯ୍ୟନ୍ତ ସୁର୍ଯ୍ୟ ଚନ୍ଦ୍ର ରହିବ ଆକାଶ ତୁମର ନାମ ରହିବ ସ୍ଲୋଗାନ ଦେଇ ତାଙ୍କୁ ବିଦାୟ ଦେଇଥିଲେ । ଶେଷ ଯାତ୍ରାରେ ରାୟପୁର କଲେକ୍ଟରଙ୍କ ସହିତ ଛତିଶଗଡ ଶାସନରବରିଷ୍ଠ ଅଧିକାରୀ କର୍ମଚାରୀସାମିଲ ହୋଇଥିଲେ । ମାନା ପୋଲିସ ବାଟାଲିୟନର ଶହୀଦ ଆକାଶ ଗିରିପୁଞ୍ଜେଙ୍କ ପାର୍ଥିବ ଶରୀରକୁ ଗାର୍ଡ ଅଫ ଅନର ଦେବା ପରେ ମହାଦେବ ମୁକ୍ତିଧାମକୁ ନିଆଯାଇଥିଲା ।ତାଙ୍କ ଶେଷ ଯାତ୍ରାରେ ମୁଖ୍ୟମନ୍ତ୍ରୀ,ବିଧାନସଭାର ବାଚସ୍ପତି ତଥା ଉଭୟ ଉପମୁଖ୍ୟମନ୍ତ୍ରୀ ପାର୍ଥିବ ଶରୀରକୁ କାନ୍ଧ ଦେଇଥିଲେ ।

# ରାଜ୍ୟରେ ସେକ୍ସ ନେଟ୍‌ୱର୍କ ଅପରେଟର ଚିହ୍ନଟ : ପୁରୀରେ ସର୍ବାଧିକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ୩୫୧ଟି ସେକ୍ସ ନେଟ୍‌ୱର୍କ ଅପରେଟର ଅଛନ୍ତି । ବିଭିନ୍ନ ୱେବ୍‌ସାଇଟ୍, ଆପ୍, ମସାଜ ସେଣ୍ଟର ଓ ଅନ୍ୟ ଯୋଗାଯୋଗ ମାଧ୍ୟମରେ ଏହି ନେଟ୍‌ୱର୍କ ଅପରେଟରମାନେ ଯୌନ କାରବାର ଚଳାଇଛନ୍ତି । ବର୍ଷ ବର୍ଷ ଧରି ଏହି ସଂସ୍ଥାଗୁଡ଼ିକ କାରବାର ଚଳାଇଥିଲେ ହେଁ ପୂର୍ବରୁ କେବେହେଲେ ସରକାରଙ୍କ ନଜରକୁ ଆସି ନ ଥିଲେ । ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସମିତି (ନାକୋ) ପକ୍ଷରୁ ହୋଇଥିବା ପ୍ରୋଗ୍ରାମଟିକ୍ ମ୍ୟାପିଂ ଏଣ୍ଡ ପପୁଲେସନ୍ ସାଇଜ୍ ଏଷ୍ଟିମେଟ୍(ପି-ଏମ୍‌ପିଏସ୍‌ଇ) ସର୍ଭେରେ ଏବେ ପ୍ରଥମଥର ଲାଗି ସେମାନଙ୍କୁ ଚିହ୍ନଟ କରାଯାଇଛି । ଏହି ନେଟ୍‌ୱର୍କ ଅପରେଟରମାନଙ୍କୁ ଏଣିକି ନାକୋ ପକ୍ଷରୁ ରହିଥିବା ଆବଶ୍ୟକ ସଚେତନତା ଓ କାର୍ଯ୍ୟକ୍ରମ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି । ରାଜ୍ୟର ଯେଉଁ ସମ୍ବେଦନଶୀଳ ଜନଗୋଷ୍ଠୀଙ୍କ ଭିତରେ ଏଚ୍‌ଆଇଭି ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି ସେହି ହଟ୍‌ସ୍ପଟ୍ ଅଞ୍ଚଳକୁ ଚିହ୍ନଟ ଓ ସେମାନଙ୍କ ସଂଖ୍ୟା କେତେ ଜାଣିବା ଲାଗି ପି-ଏମ୍‌ପିଏସ୍‌ଇ ସର୍ଭେ କରାଯାଇଥିଲା । ଏହି ସର୍ଭେ ଅନୁସାରେ, ପୁରୀରେ ସର୍ବାଧିକ ୧୨୪ଜଣ ସେକ୍ସ ଅପରେଟର ରହିଛନ୍ତି । ଏହାବାଦ୍ ଖୋର୍ଦ୍ଧାରେ ୬୧, କଟକ ୩୨, ଗଞ୍ଜାମ ୨୪, କନ୍ଧମାଳ ୧୪, ନୟାଗଡ଼ ୧୩, ଭଦ୍ରକ ୧୧ ଓ ସୁନ୍ଦରଗଡ଼ରେ ୯ଟି ଅପରେଟର ରହିଛନ୍ତି । ୮ଟି ଜିଲ୍ଲାରେ ସେକ୍ସ ନେଟ୍‌ୱର୍କ ଅପରେଟର ନ ଥିବା ଜଣାପଡ଼ିଛି । ସେହିପରି ମହିଳା ଯୌନ କର୍ମୀ (ଏଫ୍‌ଏସ୍‌ଡବ୍ଲୁ)ଙ୍କ ପାଇଁ ୧୯୦, ପୁରୁଷ-ପୁରୁଷ ଯୌନକର୍ମୀ (ଏମ୍‌ଏସ୍‌ଏମ୍) ୨୪, ଇଞ୍ଜେକସନ୍‌ରେ ଡ୍ରଗ୍‌ସ ନେଉଥିବା ବ୍ୟକ୍ତି(ଆଇଡିୟୁ) ୪୬ ଓ ତୃତୀୟଲିଙ୍ଗୀଙ୍କ ପାଇଁ ୯୧ଟି ନେଟ୍‌ୱର୍କ ଅପରେଟର କାମ କରୁଛି । ରାଜ୍ୟରେ ୨୦୨୪ ଡିସେମ୍ବର ସୁଦ୍ଧା ୬୩ହଜାର ୭୪୨ ଏଚ୍‌ଆଇଭି ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିରେ ୨୦ହଜାର ୯୩୫ଜଣ ମହିଳା ରହିଛନ୍ତି । ୨୦୦୭-୦୮ ମସିହାରେ ହୋଇଥିବା ପି-ଏମ୍‌ପିଏସ୍‌ଇ ସର୍ଭେରେ ରାଜ୍ୟରେ ୧୬୭୦ଟି ହଟ୍‌ସ୍ପଟ୍ ଅଞ୍ଚଳ



ରହିଥିଲା । ଅର୍ଥାତ୍ ଏହି ଅଞ୍ଚଳଗୁଡ଼ିକରେ ଏଚ୍‌ଆଇଭି ସଂକ୍ରମଣ ବ୍ୟାପିବାର ଅଧିକ ଆଶଙ୍କା ରହିଛି । ନୂଆ ପି-ଏମ୍‌ପିଏସ୍‌ଇ(୨୦୨୩) ସର୍ଭେରେ ୩୮୫୨ଟି ହଟ୍‌ସ୍ପଟ୍ ଚିହ୍ନଟ ହୋଇଛି । କିଛିବର୍ଷ ଭିତରେ ହଟ୍‌ସ୍ପଟ୍ ଅଞ୍ଚଳ ସଂଖ୍ୟାରେ ୭୬% ବୃଦ୍ଧି ଦେଖିବାକୁ ମିଳିଛି । ଟିଆଇ(ଟାର୍ଗେଟେଡ୍ ଇଣ୍ଟରଭେନ୍‌ସନ୍) ମୁଖ୍ୟତଃ ସହରାଞ୍ଚଳରେ କାମ କରୁଥିବା ବେଳେ ଏହା ଜରିଆରେ ଏହି ହଟ୍‌ସ୍ପଟ୍ ଅଞ୍ଚଳରେ ସେବା ପ୍ରଦାନ କରାଯାଇଥାଏ । ସେହିପରି ଗ୍ରାମାଞ୍ଚଳର ହଟ୍‌ସ୍ପଟ୍ ଅଞ୍ଚଳରେ ଏଲ୍‌ଡବ୍ଲ୍ୟୁଏସ୍(ଲିଙ୍କ ୱାର୍କର୍ସ ସ୍କିମ) ଜରିଆରେ ସେବା ପ୍ରଦାନ କରାଯାଇଥାଏ । ସର୍ଭେରେ ରାଜ୍ୟର ଗ୍ରାମାଞ୍ଚଳରେ ଏଭଳି ୧୦୩୪ଟି ଅଞ୍ଚଳକୁ ଚିହ୍ନଟ କରାଯାଇଛି । ଏଚ୍‌ଆଇଭିର ମୂଳୋତ୍ପାଟନ ପାଇଁ ନାକୋ ପକ୍ଷରୁ ୯୫-୯୫-୯୫ ନିୟମ କରାଯାଇଛି । ଅର୍ଥାତ୍ ପ୍ରଥମ ୯୫% ରେ ଏଚ୍‌ଆଇଭିରେ ଆକ୍ରାନ୍ତ ବ୍ୟକ୍ତି(ପିଏଲ୍‌ଏଚ୍‌ଆଇଭି) ନିଜର ସ୍ଥିତି ସଂପର୍କରେ ଜାଣିବେ । ପରବର୍ତ୍ତୀ ୯୫ରେ ଏହି ଆକ୍ରାନ୍ତଙ୍କ ଭିତରୁ ଏଆରଟିରୁ ଔଷଧ ଖାଇବେ । ଶେଷ ୯୫ରେ ଏଆରଟିରୁ ଔଷଧ ସେବନ କରୁଥିବା ବ୍ୟକ୍ତିଙ୍କ ଭାଇରାଲ୍ ଲୋଡ୍‌କୁ ନିୟମିତ ଭାବେ ନିୟନ୍ତ୍ରଣରେ ରଖାଯିବ । ସୂଚନା ଅନୁସାରେ, ରାଜ୍ୟରେ ଏହି ସ୍ଥିତି ୬୨ ରହିଛି । ଯାହାକି ଜାତୀୟ ହାରଠାରୁ କମ୍ । ପୂର୍ବରୁ ରାଜ୍ୟରେ ୫୨ଟି ଟିଆଇ କାର୍ଯ୍ୟ କରୁଛି । କିଭଳି ଢଙ୍ଗରେ ଏଭଳି ସମ୍ବେଦନଶୀଳ ଲୋକଙ୍କ ନିକଟରେ ପହଞ୍ଚିହେବ ସେଥିପାଇଁ ନୂଆ ରଣନୀତି କରାଯିବାର ଆବଶ୍ୟକତା ରହିଛି । ଏଭଳି ଗୋଷ୍ଠୀର ଲୋକମାନଙ୍କ ପାଇଁ ସ୍ୱତନ୍ତ୍ରଭାବେ ଡିଆଇସି (ଡ୍ରପ୍ ଇନ୍ ସେଣ୍ଟର) କରାଯାଇଛି । ଏହି ଡିଆଇସିରେ ସେମାନେ ଏକାଠି ହୋଇଥା'ନ୍ତି । ତେଣୁ ଡିଆଇସିକୁ ଆସିବା ପରେ ସେମାନଙ୍କୁ କିଭଳି ଢଙ୍ଗରେ ବୁଝାଯାଇ ଅଧିକ ସଂଖ୍ୟାରେ ସ୍କ୍ରିନିଂ କରାଯାଇପାରିବ, ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଜରିଆରେ ଅଧିକ ସଂଖ୍ୟାରେ ଟେଷ୍ଟିଂ କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ହେଲେ ରାଜ୍ୟରେ ଏହା ଠିକ୍ ଭାବେ ଚାଲୁ ନ ଥିବା ଅଭିଯୋଗ ହୋଇଛି । ତେଣୁ ରାଜ୍ୟରେ ଏଚ୍‌ଆଇଭିର ମୂଳୋତ୍ପାଟନ କିଭଳି ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି ? ଓସାକ୍ସର ଟିଆଇ ଦାୟିତ୍ୱରେ ଥିବା ଅଧିକାରୀ ପ୍ରବୋଧ ସିୟାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ଉତ୍ତର ମିଳିପାରିନାହିଁ ।

# ରାଜଧାନୀରେ ବେଆଇନ ଗର୍ଭପାତ କିଟ୍ ବିକୁଥିବା ନେଇ ଧରପଗଡ଼

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବେଆଇନ ଗର୍ଭପାତ କିଟ୍ ବିକ୍ରି ଉପରେ ବଡ ଧରଣର ଚଢାଉ କରିଛି ଡ୍ରଗ୍ସ କଣ୍ଟ୍ରୋଲ୍ ବିଭାଗ । ଭୁବନେଶ୍ୱରର ନୟାପଲ୍ଲୀ ଅଞ୍ଚଳରେ ଥିବା ଏକ ମେଡିସିନ ଷ୍ଟୋରରେ ବେଆଇନ ଗର୍ଭପାତ କିଟ୍ ବିକ୍ରି ନେଇ ଚଢାଉ କରାଯାଇଛି । ବିନା କୌଣସି ଡାକ୍ତରୀ ପ୍ରେସକ୍ରିପସନରେ ଏହି ଗର୍ଭପାତ କିଟ୍ ବିକ୍ରି କରୁଥିବା ଜଣାପଡିଛି । ଏହି ଚଢାଉରେ ତିନି ଜଣିଆ ଟିମ୍ ସାମିଲ ଅଛନ୍ତି । ଚଢାଉ ବେଳେ ବହୁ ପରିମାଣର ଗର୍ଭପାତ କିଟ୍ ଜବତ କରାଯାଇଛି । ବିନା ପ୍ରେସକ୍ରିପସନରେ ଔଷଧର ଅପବ୍ୟବହାରକୁ ରୋକିବା ଉଦ୍ଦେଶ୍ୟରେ ଏହି ଚଢାଉ ହୋଇଥିଲା । ଡାକ୍ତରଙ୍କ ବିନା ପରାମର୍ଶରେ ଏହି କିଟ୍ ବ୍ୟବହାର କରିବା ଦ୍ୱାରା ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଛି । ଏ ନେଇ ଡ୍ରଗସ କଣ୍ଟ୍ରୋଲ୍ ବିଭାଗର ଅଧିକାରୀ କହିଛନ୍ତି ଯେ, ''ବିଭାଗର ନିର୍ଦ୍ଦେଶାନୁଯାୟୀ, ଗର୍ଭପାତ କିଟର ବେଆଇନ ବ୍ୟବହାରକୁ ରୋକିବା ପାଇଁ ଏହି ଚଢାଉ ହୋଇଛି । ଏହି ଦୋକାନରେ ହୋଇଥିବା ଚଢାଉରେ ବିପୁଳ ପରିମାଣର ବେଆଇନ ଗର୍ଭପାତ କିଟ୍ ଜବତ କରିଛୁ । ମିସୋପ୍ରିଷ୍ଟୋଲ ଭଳି ମେଡିସିନ ଡାକ୍ତରଙ୍କ ବିନା ପରାମର୍ଶରେ ଗ୍ରହଣ କଲେ ତାହା ସ୍ୱାସ୍ଥ୍ୟ ଉପରେ ବହୁତ ଖରାପ ପ୍ରଭାବ ପକାଇଥାଏ । ଏହା ଗ୍ରହଣ କରିବା ଦ୍ୱାରା ଭବିଷ୍ୟତରେ ବନ୍ଧ୍ୟାତ୍ୱ ସମେତ ଅନ୍ୟାନ୍ୟ ଜଟିଳ ସମସ୍ୟା ସୃଷ୍ଟି ହେବା ସହିତ ପ୍ରଚୁର ରକ୍ତସ୍ରାବ ମଧ୍ୟ ହୁଏ, ଯାହା ଅତ୍ୟନ୍ତ ବିପଦ୍‌ଜନକ ବୋଲି ଅଧିକାରୀ ଜଣକ କହିଛନ୍ତି ।'' ''ଆମ ପାଖରେ ଥିବା ସୂଚନା ଅନୁସାରେ, ଆମେ ସବୁ ଦୋକାନରେ ତଦନ୍ତ କରୁଛୁ । ଯେଉଁମାନେ ଏହି ଗର୍ଭପାତ କିଟଗୁଡିକର ବେଆଇନ ବିକ୍ରି କରୁଛନ୍ତି, ସେମାନଙ୍କ ଦୋକାନକୁ ତୁରନ୍ତ ସିଲ୍ କରାଯିବ ନାହିଁ । ଚଢାଉ ହୋଇଥିବା ଦୋକାନର ଚୂଡାନ୍ତ ରିପୋର୍ଟ ପ୍ରଥମେ ଦାଖଲ କରାଯିବ । ତା'ପରେ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପରେ ଆବଶ୍ୟକ ପଡିଲେ ଦୋକାନର ଲାଇସେନ୍ସ ରଦ୍ଦ କରାଯିବ ।'' ତେବେ ଏହି ଚଢାଉକୁ ନେଇ ଦୋକାନୀ କହିଛନ୍ତି, ''ଆମେ ପୂର୍ବରୁ ଯେଉଁମାନେ ଏହା ଆବଶ୍ୟକ କରୁଥିଲେ, ସେମାନଙ୍କୁ ବିକ୍ରି କରୁଥିଲୁ । କିନ୍ତୁ ଏବେ ବିକ୍ରି କରିବା ବନ୍ଦ କରି ଦେଇଛୁ ।''

# ବର୍ଷାଜଳ ଅମଳ ପ୍ରକଳ୍ପ ଲକ୍ଷ୍ୟଚ୍ୟୁତ: ୨.୬୦ ଲକ୍ଷରୁ ହୋଇଛି ୮୨୮୭

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୂତଳ ଜଳ ଯେଉଁଭଳି ଦ୍ରୁତଗତିରେ ହ୍ରାସ ପାଉଛି, ଭବିଷ୍ୟତ ପିଢ଼ିଙ୍କ ପାଇଁ ପାଣିମୁନ୍ଦିଏ ମିଳିବ କି ନାହିଁ ସେ ପ୍ରକାର ଚିନ୍ତାହେଲାଣି । ଭୁବନେଶ୍ୱର ମହାନଗର ନିଗମ କଥା ହେଉ କି ଅନ୍ୟ ମହାନଗର ନିଗମ ଅବା ଜିଲ୍ଲା, ସବୁଠି ସ୍ଥିତି ଉଦ୍‌ବେଗଜନକ । ୨୦୧୯ ମସିହାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବର୍ଷାଜଳ ଅମଳ ପ୍ରକଳ୍ପ ଜରିଆରେ ଭୂତଳ ଜଳରେ ସ୍ଥିରତା ଆଣିବାକୁ ବାରମ୍ବାର ମାର୍ଗଦର୍ଶିକା ଓ ଚିଠି କରି ଆସୁଛନ୍ତି । କିନ୍ତୁ ସବୁକିଛି ବିଫଳ ହୋଇଛି । ଅଧିକାରୀମାନେ ଏ ଦିଗରେ ଆନ୍ତରିକତା ଦେଖାଉନାହାନ୍ତି । ଫଳସ୍ୱରୂପ ବର୍ଷାଜଳ ଅମଳ ପ୍ରକଳ୍ପ ଲକ୍ଷ୍ୟଚ୍ୟୁତ ହେବାରେ ଲାଗିଛି ।

୨୦୧୯ ମସିହାରୁ ୨୦୨୫ ଏପ୍ରିଲ ସୁଦ୍ଧା ଉଭୟ ମହାନଗର ନିଗମ ଓ ରାଜ୍ୟର ୩୦ଟି ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟର ୧ ପ୍ରତିଶତ ପୂରଣ ହୋଇପାରିନି । ଏହାକୁ ନେଇ ଜଳସଂପଦ ବିଭାଗ ସଚିବ ଅନୁ ଗର୍ଗ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ ସମେତ ରାଜ୍ୟର ସବୁ ମହାନଗର ନିଗମ ଓ ୩୦ ଜିଲ୍ଲାକୁ ଚିଠି କରିଛନ୍ତି । ବର୍ଷାଜଳ ଅମଳ ପ୍ରକଳ୍ପକୁ ସଫଳ କରିବା ନେଇ ନୂଆ ମାର୍ଗଦର୍ଶିକା ଜାରି କରିବା ସହ ଚଳିତବର୍ଷ ସବୁ ସହରାଞ୍ଚଳ ୧୦ହଜାର ଓ ପ୍ରତି ଗାଁରେ ୫ଟି ବର୍ଷାଜଳ ଅମଳ ପ୍ରକଳ୍ପ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବର୍ଷାଜଳକୁ ଅମଳ କରି ଭୂତଳ ଜଳସ୍ତରରେ ସ୍ଥିରତା ଆଣିବା ଲକ୍ଷ୍ୟରେ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା ଜଳସଂପଦ ବିଭାଗ ଜରିଆରେ ଜଳଶକ୍ତି ଅଭିଯାନ । ଉଭୟ ସରକାରୀ ଓ ବେସରକାରୀ କୋଠା ଛାତରେ ବର୍ଷା ଅମଳ ପ୍ରକଳ୍ପ, ପୋଖରୀ ପୁନରୁଦ୍ଧାର ଆଦି ଜରିଆରେ ଏହି ଲକ୍ଷ୍ୟ ପୂରଣର ସ୍ୱପ୍ନ ଦେଖାଯାଇଥିଲା । ବିଶେଷ କରି ମହାନଗର ନିଗମ ଓ ଅନ୍ୟ ସହରାଞ୍ଚଳରେ ଯେଉଁମାନେ ନୂଆକୋଠା ନିର୍ମାଣ କରୁଛନ୍ତି,



ସେମାନଙ୍କ କ୍ଷେତ୍ରରେ ବର୍ଷାଜଳ ଅମଳ ପ୍ରକଳ୍ପ ବାଧ୍ୟତାମୂଳକ କରାଯାଇଥିଲା । ସରକାର ଏଥିରେ ରିହାତି ବ୍ୟବସ୍ଥା ବି କଲେ । କିନ୍ତୁ ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ, କେହି ଏହି ପ୍ରକଳ୍ପ କରିବାରେ ସେତେଟା ଆଗ୍ରହ ଦେଖାଉନାହାନ୍ତି । ପରିଣାମ ସ୍ୱରୂପ, ୨୦୧୯ ମସିହାରୁ ୨୦୨୫ ଏପ୍ରିଲ ଭିତରେ ୨ଲକ୍ଷ ୬୦ହଜାର ୭୦୫ଟି ପ୍ରକଳ୍ପ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ବି ମାତ୍ର ୮ହଜାର ୨୮୭ଟି ପ୍ରକଳ୍ପ ହୋଇଛି ।

ସେହିଭଳି ଜଳସଂପଦ ବିଭାଗ କୋଭିଡ୍ ପରେ ଛାତ ବର୍ଷାଜଳ ଅମଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ଏକ ୫ ବର୍ଷିଆ ଖସଡ଼ା ପ୍ରସ୍ତୁତ କରିଥିଲା । ୨୦୨୨-୨୩ରୁ ୨୦୨୬-୨୭ ବର୍ଷ ଭିତରେ ୧୯୨୫ ସରକାରୀ କୋଠା ଓ ୨୯,୫୦୦ ବେସରକାରୀ କୋଠାର ଛାତରେ ବର୍ଷାଜଳ ଅମଳ ପ୍ରକଳ୍ପ କରିବାକୁ ଯୋଜନା ଥିଲା । ୧୯୨୫ ସରକାରୀ କୋଠାରୁ ସହରାଞ୍ଚଳରେ ୭୬୫ କୋଠା ଓ ଗ୍ରାମାଞ୍ଚଳରେ ୧୧୬୦ କୋଠାରେ ପ୍ରକଳ୍ପ ହେବାର ଥିଲା । କେବଳ ୨୦୨୨-୨୩ରେ ସରକାରୀ କୋଠାରୁ ଗ୍ରାମାଞ୍ଚଳରେ ୩୬୦ଟି, ସହରାଞ୍ଚଳରେ ୬୫ଟି ଓ ୫୫୦୦ ବେସରକାରୀ କୋଠାରେ ଏହି ପ୍ରକଳ୍ପ କରିବାକୁ ଲକ୍ଷ୍ୟ ଥିଲା । ବାକି ୨୦୨୩-୨୪ରୁ ୨୦୨୬-୨୭ ପର୍ଯ୍ୟନ୍ତ ପ୍ରତିବର୍ଷ ଗ୍ରାମାଞ୍ଚଳରେ ୨୦୦ ଓ ସହରାଞ୍ଚଳରେ ୧୭୫ ସରକାରୀ କୋଠା ଏବଂ ୬ହଜାର ବେସରକାରୀ କୋଠାରେ ଏହି ପ୍ରକଳ୍ପ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଏ ବାବଦରେ ୨୦୨୨-୨୩ରେ ୫୧.୭୫ କୋଟି ଓ ଏହା ପରଠାରୁ ପ୍ରତିବର୍ଷ ୫୪.୫୬ କୋଟି, ଏଭଳି ମୋଟ ୨୭୦ କୋଟି ଟଙ୍କାର ବ୍ୟୟ ଅଟକଳ କରିଥିଲା ।

ଭୂତଳ ଜଳକୁ ନେଇ ଉଦ୍‌ବେଗଜନକ ସ୍ଥିତିରେ ଥିବା ରାଜ୍ୟର ୨୭ଟି ସହରାଞ୍ଚଳ ଓ ୫୨ଟି ବ୍ଲକ୍‌କୁ ଏଥିରେ ପ୍ରାଧାନ୍ୟ ଦିଆଯାଇଥିଲା । ୩୭୩.୫୨ ଲିଟର ବର୍ଷା ଜଳ ଅମଳ କରିବାର ଲକ୍ଷ୍ୟ ରଖାଯାଇଥିଲା । କିନ୍ତୁ ବେସରକାରୀ କୋଠା ତ ଦୂରର କଥା ସରକାରୀ କୋଠା ବି ଏହି ପ୍ରକଳ୍ପ କରିବାକୁ ମଙ୍ଗୁନାହାନ୍ତି । ଜଳସଂପଦ ବିଭାଗ ସଚିବ ଶ୍ରୀମତୀ ଗର୍ଗ କହିଛନ୍ତି, ନିକଟରେ କେନ୍ଦ୍ର ଜଳସଂପଦ ମନ୍ତ୍ରାଳୟ ପକ୍ଷରୁ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଯେଉଁଥିରେ ଜଳଶକ୍ତି ଅଭିଯାନ ନାରା 'କ୍ୟାଚ୍ ଦ ରେନ୍-୨୦୨୫'ର ଶୁଭାରମ୍ଭ କରାଯାଇଛି । ଜନଭାଗିଦାରୀଙ୍କୁ ଏଥିରେ ଗୁରୁତ୍ୱ ଦିଆଯାଇଛି । ସାମୂହିକ ଉଦ୍ୟମରେ ବର୍ଷାଜଳ ଅମଳ ପ୍ରକଳ୍ପ ଲକ୍ଷ୍ୟ ପୂରଣ କରିବାକୁ ସେ ସବୁ ଜିଲ୍ଲାର ଜିଲ୍ଲାପାଳ, ମହାନଗର ନିଗମ କମିସନରଙ୍କୁ କହିଛନ୍ତି । ଏଥିପାଇଁ ପ୍ରତି ଜିଲ୍ଲାର ଜିଲ୍ଲାପାଳଙ୍କୁ ନୋଡାଲ୍ ଅଧିକାରୀ କରାଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସମନ୍ୱୟ ରଖି ପ୍ରକଳ୍ପ ଲକ୍ଷ୍ୟ ପୂରଣ କରିବାକୁ କୁହାଯାଇଛି । ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଛାତ୍ରାବାସ ସହ ଅଙ୍ଗନବାଡ଼ି ଆଦିରେ ବି ପ୍ରକଳ୍ପ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।





## ଟିମ୍ କ୍ଲିନ ସିଟି ପକ୍ଷରୁ ଅମହ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଅହମ୍ମଦାବାଦ ଠାରେ ହୋଇଯାଇଥିବା ବିମାନ ଦୁର୍ଘଟଣାରେ ୨ଶହରୁ ଉର୍ଦ୍ଧ୍ୱ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଏଭଳି ଏକ ଘଟଣା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି । ଘଟଣାକୁ ନେଇ ବିମାନ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ପରିସ୍ଥିତିରେ ବିମାନ ଦୁର୍ଘଟଣାର କାରଣ ଖୋଜିବାକୁ ଉଚ୍ଚସ୍ତରୀୟ ତଦନ୍ତ ଜାରି ରହିଛି । ତେବେ ଦୁର୍ଘଟଣାଗ୍ରସ୍ତ ବିମାନରେ ବସିଥିବା ଯାତ୍ରୀଙ୍କର ଏହା ଯେ ଶେଷ ଯାତ୍ରା ହେବ ତାହା କେହି କଳ୍ପନା ମଧ୍ୟ କରିନଥିଲେ । କାହାର ସମଗ୍ର ପରିବାର ନିଶ୍ଚିହ୍ନ ହୋଇଯାଇଛନ୍ତି ତ କିଏ ବାପା ଆଉ କିଏ ନିଜ ମାଆକୁ ହରାଇଛନ୍ତି । ଏଭଳି ଏକ ଦୁଖଦ ଘଟଣାକୁ ନେଇ ଦକ୍ଷିଣ ଓଡିଶାର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବ୍ରହ୍ମପୁରର ଟିମ୍ କ୍ଲିନ ସିଟି ପକ୍ଷରୁ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରି ଏକ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ସ୍ଥାନୀୟ ଏମକେସିଜି ମେଡିକାଲ କଲେଜ ମୁଖ୍ୟ ଫାଟକ ନିକଟରେ ସଙ୍ଗଠନର ସମସ୍ତ ସଦସ୍ୟ ଏକାଠି ହୋଇ ପ୍ରଥମେ ଦୁଇମିନିଟ ନୀରବ ପ୍ରାର୍ଥନା କରିଥିଲେ । ପରେ କ୍ୟାଣ୍ଡେଲ ଶୋଭାଯାତ୍ରା କରି ମୃତକଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହି ଅବସରରେ ଟିମ୍ କ୍ଲିନ ସିଟିର ସମସ୍ତ ସଦସ୍ୟଙ୍କ ସମେତ ସ୍ଥାନୀୟ ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ ଓ ସହରବାସୀ ସାମିଲ ହୋଇଥିଲେ ।



### ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

## ଆସିଲାଣି ବର୍ଷା, ଅଧାରେ ପଡ଼ିଛି ଜିଲ୍ଲାର ବିଭିନ୍ନ ଦେବାଳୟ ଓ ଐତିହ୍ୟର ଉନ୍ନତିକରଣ କାର୍ଯ୍ୟ

**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାର ବିଭିନ୍ନ ଦେବାଳୟ ଓ ଐତିହ୍ୟର ସଂରକ୍ଷଣ ଦାବିରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । କମିଟି ପକ୍ଷରୁ କୁହାଯାଇଛି ଯେ, 'ଐତିହ୍ୟ ସମ୍ପନ୍ନ ବଲାଙ୍ଗିର ଜିଲ୍ଲାର ମାଁ ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ୧ କୋଟି ୧୨ ଲକ୍ଷ ଟଙ୍କା, ମାଁ ସମଲେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ୩ କୋଟି ୧୫ ଲକ୍ଷ ୮୦ହଜାର ଟଙ୍କା ଏବଂ ଗୋପାଳଜୀ ମନ୍ଦିର ପାଇଁ ୫ କୋଟି ୭୦ ଲକ୍ଷ ୭୨ ହଜାର ଟଙ୍କା, କୋସଳ କଳାମଣ୍ଡଳ ଉନ୍ନତିକରଣ ପାଇଁ ୩ କୋଟି ୭୦ ଲକ୍ଷ ଏବଂ ୫୦୦ ସିଟ ବିଶିଷ୍ଟ ଅଡିଟୋରିୟମର ଉନ୍ନତିକରଣ ପାଇଁ ପୂର୍ବତନ ସରକାର ଆର୍ଥିକ ଅନୁଦାନ ଦେଇଥିଲେ । ହେଲେ



ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ସେହି ଅର୍ଥ ପଡ଼ିରହିଛି । ଆସନ୍ତା ୧୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଗସ୍ତରେ ଆସୁଥିବା ବେଳେ ତାଙ୍କୁ ୪ ଗୋଟି ଦାବି ରଖାଯାଇଛି । ଏଥିରେ ଓଡ଼ିଶା ଅସ୍ମିତାକୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ବିଭିନ୍ନ ଉନ୍ନତିକରଣ କରୁଥିବା ବେଳେ ବଲାଙ୍ଗିର ଜିଲ୍ଲାର ଐତିହ୍ୟ ବହନ କରୁଥିବା ରାଣିପୁର ଝରିଏଲରୁ ବିରଳ ଫଟୋଚିତ୍ର ଜାତୀୟ ସଂଗ୍ରାହଳୟରେ ପୁନର୍ବାର ଲଗାଇବା ପାଇଁ ଦାବି କରାଯାଇଛି । ବଲାଙ୍ଗିର ଲୋଇସିଂହା ନିର୍ବାଚନ ମଣ୍ଡଳ କୁଶଙ୍ଗାଇ ଦେବୀ ମନ୍ଦିର ଉନ୍ନତିକରଣ ପାଇଁ ୪ କୋଟି ଟଙ୍କା ଏବଂ ପର୍ଯ୍ୟଟନ ମାନ୍ୟତା ପ୍ରଦାନ ଦାବି କରାଯାଇଛି । ସାଉନ୍ତପୁର ସାଉନ୍ତେଶ୍ୱରୀ ଦେବୀଙ୍କ ମନ୍ଦିର ଉନ୍ନତିକରଣ ପାଇଁ ଅର୍ଥ ବରାଦ କରିବା ପାଇଁ ଦାବି କରାଯାଇଛି । ସେହିପରି ଦେଓଗାଁ ଚିନିକଳ, ଐତିହ୍ୟ ବହନ କରୁଥିବା ସର୍ବପୁରାଣ ଜଳଗଞ୍ଜନ ପ୍ରେସକୁ ପୁନରୁଦ୍ଧାର ଏବଂ ୧୭ ଗୋଟି ଜଳାଶୟକୁ ପୁନରୁଦ୍ଧାର କରିବା ପାଇଁ ଦାବି କରାଯାଇଛି । ଦେବାଳୟ ସୁରକ୍ଷା କମିଟି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ପ୍ରଶାନ୍ତ ମହାକୁର, ଶମ୍ଭୁ ଶତପଥି, ଆଲୋକ ମିଶ୍ର, ନରେନ୍ଦ୍ର କବାଟ, ସୁରେନ୍ଦ୍ର ନେଗୀ, ଆଶୁତୋଷ ବାଗ ଦାବିପତ୍ର ପ୍ରଦାନ ବେଳେ ସାମିଲ ଥିଲେ ।

## ୫୨କେଜି ଗଞ୍ଜେଇ ସହ ୨କାର୍ ଜବତ : ୫ଗିରଫ

**ନନ୍ଦପୁର, ନ୍ୟୁଜ ବ୍ୟୁରୋ**

ନନ୍ଦପୁର ପୁଲିସ ଦୁଇଟି ସ୍ଥାନରୁ ୫୨ କେଜି ଗଞ୍ଜେଇ ଏବଂ ଦୁଇଟି କାର ସହ ୫ ଜଣଙ୍କୁ ଗିରଫ କରିଛି । ଆଇଆଇସି ମମତା କୁମାରୀ ପଣ୍ଡା, ଏସ ଆଇ ବେଦବର ସାହୁ, ଦିପ୍ତିମୟି ଧାରୁଆ ଏବଂ ଟିମ୍ ନନ୍ଦପୁର ନିକଟ ଆଇଟିଆଇ କଲେଜ ଛକ ନିକଟରେ ଏକ ଡଷ୍ଟର କାରକୁ ଅଟକାଇ ଗାଡି ଯାଞ୍ଚ କରିଥିଲେ । କାର୍ ଭିତରେ ଗଞ୍ଜେଇ ଥିବା ଦେଖି ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ କେରଳ ରାଜ୍ୟର ଶସାଙ୍କ ଶଶି କୁମାର ଓ ରୀୟାସ । ନନ୍ଦପୁର ତହସିଲଦାର ପ୍ରଭାତୀ ଝୋଡ଼ିଆଙ୍କ ଉପସ୍ଥିତିରେ ଓଜନ ପରେ ୨୭ କେଜି ଗଞ୍ଜେଇ ଥିବା ଜଣା ପଡିଥିଲା । ଏହା ପରେ ନଳାଚୁଆ ଛକ ନିକଟରେ ଏକ କାର ନମ୍ବର ଡିଏଲ ୨ ସିଏଏନ୍ ୧୨୦୩ କୁ ଅଟକାଇ ଯାଞ୍ଚ ବେଳେ କାରରେ ଥିବା ଗଞ୍ଜେଇ ସହ ତିନି ଜଣଙ୍କୁ ଗିରଫ କରିଥିଲେ । ଗିରଫ ଅଭିଯୁକ୍ତ ମାନେ ହେଲେ ଉତ୍ତରପ୍ରଦେଶ ମୁଜାଫାର ନଗର ଜିଲ୍ଲାର ମଞ୍ଜିତ ସିଂହ, ପରୋଲ ଏବଂ ସଞ୍ଜୟ କୁମାର । ତହସିଲଦାର ପ୍ରଭାତୀ ଝୋଡ଼ିଆଙ୍କ ଉପସ୍ଥିତିରେ ଓଜନ ପରେ ପରେ ୨୫ କେଜି ଗଞ୍ଜେଇ ଥିବା ପୁଲିସ କହିଛି ।



### ଜିଲ୍ଲାସ୍ତରୀୟ ବିକାଶ ମେଳାର ତୃତୀୟ ଦିବସ

## ଭୂମିହୀନ ପରିବାରଙ୍କୁ ବସୁନ୍ଧରା ପଟ୍ଟା ପ୍ରଦାନ କଲେ ରାଜସ୍ୱ ମନ୍ତ୍ରୀ

**ବରଗଡ, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ଯଦୁମଣି ପ୍ରଧାନ ଅଡିଟରୀୟମ ଠାରେ ଆୟୋଜିତ ହେଉଥିବା ଜିଲ୍ଲା ସ୍ତରୀୟ ବିକାଶ ମେଳର ତୃତୀୟ ଦିବସରେ ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓରମାସ ପଲ୍ଲିଶ୍ରୀ ମେଳା, ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ବୁଲି ଦେଖିବା ପରେ ଜିଲ୍ଲାର ସମସ୍ତଗ୍ରାମ୍ୟ ଜଳ ପରିମଳ କମିଟିର ସଦସ୍ୟ ତଥା ସମସ୍ତ ସରପଞ୍ଚ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପିଇଓ, ଏବଂ ଜେଇ ମାନଙ୍କୁ ନେଇ ଆୟୋଜିତ ହୋଇଥିବା ଏକ ସାଧାରଣ ସଭା ଓ ପ୍ରଶିକ୍ଷଣ ଶିବିରକୁ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ବିକଶିତ ଓଡିଶା ଗଠନରେ ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି ତଥା ବିଭିନ୍ନ ଯୁଗାନ୍ତକାରୀ ଯୋଜନା ବିଷୟରେ କହିବା ସହ ବରଗଡ଼ ତହସିଲ ଅନ୍ତର୍ଗତ ବରଗାଁ, ସାଲ୍‌ହେପାଲି



ଏବଂ ସାଇଆନ ଗ୍ରାମର ମୋଟ ୩୮ ଜଣ ଭୂମିହୀନ ପରିବାରକୁ ବସୁନ୍ଧରା ପଟ୍ଟା ପ୍ରଦାନ କରିଛନ୍ତି । ଏତଦବ୍ୟତୀତ ମାନ୍ୟବର ମନ୍ତ୍ରୀ ବରଗଡ଼ ତହସିଲ ଅନ୍ତର୍ଗତ ୪ଗୋଟି ପ୍ରାଥମିକ ବିଦ୍ୟାଳୟ ସମେତ ଅତାବିରା ତହସିଲ ଅନ୍ତର୍ଗତ ମୋଟ ୧୬ ଗୋଟି ପ୍ରାଥମିକ ବିଦ୍ୟାଳୟର ନିଜସ୍ୱ ଜମିପଟ୍ଟା ପ୍ରଦାନ କରିଛନ୍ତି । ଏହାପରେ ଜିଲ୍ଲା ସ୍ତରୀୟ ବିକାଶ ମେଳା ଅବସରରେ ଆୟୋଜିତ ହୋଇଥିବା ଚିତ୍ରଶିଳ୍ପୀ ଶିବିରକୁ ଉଦଘାଟନ କରିବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ମନ୍ତ୍ରୀ । ମୋ ସ୍ୱପ୍ନର ବରଗଡ, ମୋ ସ୍ୱପ୍ନର ଓଡିଶା ତଥା ମୋ ସ୍ୱପ୍ନର ଭାରତ ଶୀର୍ଷକରେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୦ ଜଣ ଚିତ୍ରଶିଳ୍ପୀ ଯୋଗ ଦେଇ ନିଜ ତୁଳିରେ ଆଙ୍କିଥିଲେ ବିକାଶର ବାର୍ତ୍ତା । ଏହି ଅବସରରେ ବରଗଡ଼ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତଙ୍କ ସମେତ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ମଂଚାସୀନ ହୋଇ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଆମ ବରଗଡ଼ ଜିଲ୍ଲାର ସମସ୍ତ ଲୋକଙ୍କ ପାଖକୁ ପହଂଚାଇବା ପାଇଁ କାର୍ଯ୍ୟ କରିବାକୁ ମତ ରଖିଥିଲେ । ଏତଦବ୍ୟତୀତ ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି ଗୁଡିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଗାନ୍ଧିଛକ ଠାରୁ ବିକାଶ ମେଳା ପର୍ଯ୍ୟନ୍ତ ବିକାଶ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ସ୍ଥାନୀୟ ଯୁବବର୍ଗ ଏହି ସଭାଯାତ୍ରରେ ସାମିଲ ହୋଇଥିବା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଏହାକୁ ଶୁଭାରମ୍ଭ କରିଥିଲେ । ଏହାପରେ ଯଦୁମଣି ପ୍ରଧାନ ଅଡିଟରୀୟମ ଠାରେ ଆୟୋଜିତ ଲୋକକଳା ଓ ବିଷୟବସ୍ତୁ ଭିତ୍ତିକ ସାଂସ୍କୃତିକ ବିଚିତ୍ରାରେ ତ୍ରୀଭୁବନ ବିଜୟୀ କଂସ ମହାରାଜ ରାଜ୍ୟ ସରକାରଙ୍କ ଏକବର୍ଷର ଉପଲବ୍ଧି ତଥା ଆମ ବରଗଡ଼ ଜିଲ୍ଲାରେ ବିଭିନ୍ନ ଫଳପ୍ରସୁ ଯୋଜନାର କାର୍ଯ୍ୟକାରିତା ବିଷୟରେ ସମୀକ୍ଷା କରି ଧାନ୍ୟ ଏବଂ ଧାନର ମାଟିର ସର୍ବାଙ୍ଗୀନ ଉନ୍ନତି କ୍ଷେତ୍ରରେ ଓଡିଶା ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ ଲୋକଙ୍କୁ କହି ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରି ଜିଲ୍ଲାର ବେଷ୍ଟ ଫ୍ରଣ୍ଟ ଲାଇନ ୱାର୍କର ଭାବେ ଜଣେ ଆଶାକର୍ମୀ ଏବଂ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ ମହାରାଜ କଂସ ।

## ପାଖରେ ଝରଣା ଥାଇ ମଧ୍ୟ ପିଇବା ପାଣିର ଘୋର ଅଭାବ

**ପାଟଣାଗଡ, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାର ପ୍ରସିଦ୍ଧ ଜଣାଶୁଣା ତୀର୍ଥସ୍ଥଳୀ ହରିଶଙ୍କର ପାର୍ଶ୍ୱରେ ଥିବା ଜଳ ମହାଦେବଠାରେ ପିଇବା ପାଣିର ଘୋର ଅଭାବ ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଜଳ ମହାଦେବ ମନ୍ଦିରକୁ ପ୍ରତ୍ୟେକଦିନ ଶହଶହ ଦର୍ଶକ ପାଣି ଭିତରେ ଥିବା ଶିବଲିଙ୍ଗଙ୍କୁ ଦର୍ଶନ କରିବା ପାଇଁ ଆସିଥାନ୍ତି । ହେଲେ ଏଠାରେ ଗୋଟିଏ ମାତ୍ର ନଳକୂପ ପିଇବା ପାଇଁ ବ୍ୟବସ୍ଥା ଅଛି ତାହା ବର୍ତ୍ତମାନ ଖରା ସମୟରେ ଅଚଳ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଛି । ତାକୁ ପ୍ରଶାସନ ଶିଘ୍ର ମରାମତି କରିଦେଲେ ଜନସାଧାରଣ ଉପକୃତ ହେବେ ବୋଲି ଅଭିଯୋଗ ହୋଇଛି । କିମ୍ବଦନ୍ତୀ ଅଛି ଏଠାରେ ପାଣି ଭିତରେ ଶିବଲିଙ୍ଗ ଆବିର୍ଭାବ ହୋଇଥିଲା ଏଣୁ ପ୍ରତି ଦିନ ବହୁ ସଂଖ୍ୟାରେ ଦର୍ଶକ ଝରଣା କୂଳକୁ ଆସି ଭୋଜିଭାତ କରି ଥିବାର ଦେଖିବାକୁ ମିଳେ । ଝରଣା କୂଳରେ ନଳକୁପ ଥାଇ ମଧ୍ୟ ପାଣି ବାହାରୁ ନ ଥିବା ବଡ ଚର୍ଚ୍ଚାର ବିଷୟ ହୋଇଛି ।

## 'ଗଞ୍ଜାମ ଦଣ୍ଡନାଟ'ର ଆଧାତ୍ମିକ ମହତ୍ତ୍ୱ ଏବେ ବି ଅକ୍ଷୁର୍ଣ୍ଣ ରହିଛି : ପରିବହନ ମନ୍ତ୍ରୀ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଲୋକନାଟ୍ୟ ପରମ୍ପରାରେ ଦଣ୍ଡନାଟର ମୌଳିକତା ବହୁଜନ ବିଦିତ । ଓଡ଼ିଶାର ଢେଙ୍କାନାଳ, ଅନୁଗୁଳ, ମୟୂରଭଞ୍ଜ, ନୟାଗଡ, କନ୍ଧମାଳ ଆଦି ଜିଲ୍ଲାରେ ଦଣ୍ଡନାଟ ଦେଖିବାକୁ ମିଳୁଥିଲେ ମଧ୍ୟ ଗଞ୍ଜାମ ଦଣ୍ଡନାଟ ସ୍ୱତନ୍ତ୍ର ଏବଂ ସମୟ କ୍ରମେ ଏହି କୃଷିଭିତ୍ତିକ ଲୋକନାଟ୍ୟର ବାହ୍ୟିକ ରୂପ ରଚନାରେ କିଛି ପରିବର୍ତ୍ତନ ଘଟିଥିଲେ ମଧ୍ୟ ଅଳ୍ପ କେତେକ ସ୍ଥାନରେ ଦଣ୍ଡନାଟର ଆଧାତ୍ମିକ ମହତ୍ତ୍ୱ ଏଯାବତ୍ ଅକ୍ଷୁଣ୍ଣ ରହିଛି ବୋଲି ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ 'ଗଞ୍ଜାମର ଦଣ୍ଡନାଟ' ଶୀର୍ଷକ ଏକଦିବସୀୟ କର୍ମଶାଳାରେ ମତପ୍ରକାଶ ପାଇଛି । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାଙ୍ଗନ ପରିସରରେ ସପ୍ତାହ ବ୍ୟାପୀ ଆୟୋଜିତ ବିକାଶମେଳା ମଣ୍ଡପରେ 'ଗଞ୍ଜାମର ଦଣ୍ଡନାଟ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ପ୍ରବୀଣ ଗବେଷକ ଓ ସମାଲୋଚକଙ୍କ ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଦଣ୍ଡନାଟ ଗୁରୁ ଓ ସେମାନଙ୍କ ଦଳ ଅଂଶଗ୍ରହଣ କରିଥିଲେ । ଦଣ୍ଡନାଟର କେତେକ ମୁଖ୍ୟ ଅଂଶର ପ୍ରଦର୍ଶନ ପୂର୍ବକ ଏହି ଲୋକନାଟର ବିଭିନ୍ନ ବିନ୍ଦୁ ସଂପର୍କରେ ଚର୍ଚ୍ଚା କରାଯାଇଥିଲା । ପ୍ରଶ୍ନୋତ୍ତର ମାଧ୍ୟମରେ ଦଣ୍ଡନାଟର ଉତ୍ପତ୍ତି, ପାତ୍ରପାତ୍ରୀ, ବେଶ ପୋଷାକ, ଉପାସନା ଧାରା ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା । ଜିଲ୍ଲା ସଂସ୍କୃତି, ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ଗଞ୍ଜାମ ଲୋକନାଟ୍ୟ ପ୍ରକଳ୍ପର ଆବାହକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ପୌରୋହିତ୍ୟ କରିଥିଲେ । ଭୁବନେଶ୍ୱରରୁ ଆସିଥିବା ବିଶିଷ୍ଟ ଗବେଷକ ଓ ସାହିତ୍ୟ ସମାଲୋଚକ ଡ. ସୁବ୍ରତ କୁମାର ପୃଷ୍ଟି ବିଷୟ ବିଶାରଦ ରୂପେ ଯୋଗଦେଇଥିବା ବେଳେ ବିଶିଷ୍ଟ ଲୋକ ସଂସ୍କୃତି ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ, ଗଞ୍ଜାମ ଇତିହାସର ଗବେଷକ ଡ. ଅନନ୍ତରାମ କର (କୌଣ୍ଡିନ୍ୟ), ଲୋକ ସଂସ୍କୃତି ଗବେଷକ ଡ. ବାୟାମନୁ ଚର୍ଚ୍ଚି, ସଂସ୍କୃତି ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ ପ୍ରମୁଖ ଆଲୋଚକ ରୂପେ ଯୋଗ ଦେଇଥିଲେ । ଶିକ୍ଷାବିତ୍ ଓ ସମାଲୋଚକ ଡ. କୁଳମଣି ଓଝା ଏହି କର୍ମଶାଳାର ପ୍ରତିବେଦକ (ରାପୋର୍ଟିଅର୍) ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ଉକ୍ତ କର୍ମଶାଳାରେ ଦଣ୍ଡନାଟ ଗୁରୁ ବନମାଳୀ ବେହେରା, ଗୁରୁ ପ୍ରଫୁଲ୍ଲ ମହାପାତ୍ର, ଗୁରୁ ସୁବାସ ଚନ୍ଦ୍ର ଜେନା, ଗୁରୁ ସଇତ ବିଷୋୟୀ, ଗଞ୍ଜାମ ଜିଲ୍ଲା ଦଣ୍ଡନାଟ ସଂଘ ସଭାପତି ଶିବ ପ୍ରଧାନ, ସଂପାଦକ ଶରତ ଚନ୍ଦ୍ର ସାହୁ ଓ ଗାଲେରୀ ଦଣ୍ଡନାଟ ଅଧିକାରୀ ପ୍ରମୁଖ ନିଜ ନିଜ ନାଟଦଳ ସହିତ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ରାଜ୍ୟ ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ମାର୍ଗଦର୍ଶନରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା । ଆସନ୍ତା ଜୁନ୍ ୧୬ ତାରିଖ ପୂର୍ବାହ୍ଣ ସାଢ଼େ ଦଶଟା ସମୟରେ ବିକାଶମେଳା ମଣ୍ଡପରେ 'ଗଞ୍ଜାମର ରଜା ନାଟକ' (ପ୍ରହ୍ଲାଦ ନାଟକ) ଶୀର୍ଷକ ପ୍ରସଙ୍ଗରେ ଏକ ବୌଦ୍ଧିକ କର୍ମଶାଳା ଅନୁଷ୍ଠିତ ହେବ ।

## ଚୋରା ମଦ ଜବତ : ମହିଳାଙ୍କ ସମେତ ୭ ଗିରଫ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଭରତପୁର ସତ୍ୟମ କୁମାର ରାଉତଙ୍କ ଠାରୁ ୩୪ ଲିଟର ଦେଶୀ ମଦ, ପୁରୁଷୋତ୍ତମପୁର ଗ୍ରାମର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଠାରୁ ୨୯ ଲିଟର



ଦେଶୀ ମଦ, କନ୍ତଆ ଗ୍ରାମର ଜିତେନ୍ଦ୍ର କୁମାର ଜେନାଙ୍କ ଠାରୁ ୩୭ ଲିଟର ବିଦେଶୀ ମଦ, କଶଟି ଗ୍ରାମର ଅଲେଖ ମଳିକଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ଦାନପୁର ଗ୍ରାମର ନିର ଜେନାଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ହରିଅଙ୍କ ଗ୍ରାମର ଦୋଳଗୋବିନ୍ଦ ମଳିକଙ୍କ ଠାରୁ ୪୧ ଲିଟର ବିଦେଶୀ ମଦ ଓ କଜଳା ଗ୍ରାମର ସୁକାନ୍ତି ଦାସଙ୍କ ଠାରୁ ୩୨ ଲିଟର ଦେଶୀ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି । ଏମାନଙ୍କ ପାଖରୁ ସମୁଦାୟ ୨୩୨ ଲିଟର ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୧ ମହିଳା ସମେତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢାଉରେ ଅବକାରୀ ନିରିକ୍ଷକ ଶ୍ରୀ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ ଶ୍ରୀ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୬।୬।୨୦୨୫, ଆଷାଢ଼ ଦ୨ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୦୮।୦୧ ଚନ୍ଦ୍ରୋଦୟ- ରାଘ ୧୦।୩୫।୦୮**

**ପଞ୍ଚମୀ-** ଦିଘ ୩।୩୨ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ରାଘ ୧।୧୩ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଦିଘ ୧।୦୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ଦିଘ ୧।୦୯ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ଦିଘ ୧।୦୯ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୩।୩୨ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୩ ଗତେ ଘ ୧୦।୨୮ ମଧ୍ୟେ । ରାଘ ୯।୧୭ ଗତେ ଘ ୧୦।୨୬ ମଧ୍ୟେ । **ପର୍ବୋତ୍ସବ-** ଭୁଦାହ, ଶେଷ ରଜ ।



**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।

**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।

**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।

**କର୍କଟ:** ମନରେ ଚଞ୍ଚକତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।

**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।

**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।

**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।

**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।

**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।

**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।

**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।

**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୭।୬।୨୦୨୫, ଆଷାଢ଼ ଦ୩ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୦୮।୦୯ ଚନ୍ଦ୍ରୋଦୟ- ରାଘ ୧୧/୧୨/୦୩**

**ଷଷ୍ଠୀ-** ଦିଘ ୨/୪୭ ପର୍ଯ୍ୟନ୍ତ । **ଶତଭିଷାନକ୍ଷତ୍ର-** ରାଘ ୧/୦୧ ପର୍ଯ୍ୟନ୍ତ । **କୁମ୍ଭଚନ୍ଦ୍ର-** ଅହୋରାତ୍ର । ଚନ୍ଦ୍ରଶୁଦ୍ଧି- ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପ୍ରାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ ଦିଘ ୨/୪୭ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫/୧୨ ଗତେ ଘ ୬/୫୦ ମଧ୍ୟେ, ଦିଘ ୪/୪୫ ଗତେ ଘ ୫/୩୦ ମଧ୍ୟେ । **ପର୍ବୋତ୍ସବ-** ବସୁମତୀସ୍ନାନ, ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁଙ୍କ ତିରୋଧାନ ଦିବସ ।



## ଜଳାଶୟରୁ ୫ଜଣ ଯୁବକ-ଯୁବତୀଙ୍କର ମୃତଦେହ ଉଦ୍ଧାର

**ବାରିପଦା/କୋରାପୁଟ/ରାଉରକେଲା, ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଭିନ୍ନ ସ୍ଥାନର ଜଳାଶୟରେ ଅଘଟଣ ଓ ଘଟଣା ଘଟି ୫ ଜଣ ଯୁବକ-ଯୁବତୀଙ୍କର ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲ୍ଲାରେ ୨ ଜଣ ଯୁବକ, କୋରାପୁଟ ଜିଲ୍ଲାରେ ଦୁଇ ଜଣ ଯୁବକ-ଯୁବତୀ ଓ ରାଉରକେଲାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୟୂରଭଞ୍ଜ ଜିଲ୍ଲା ବାରିପଦାର ୨୧ ନମ୍ବର ୱାର୍ଡର ମଧୁବନ ଏବଂ ମୁର୍ଗାବାଡ଼ିରୁ ଅଙ୍କିତ କୁମାର ଭୂଜବଳ (୨୦) ଏବଂ ରଘୁନାଥପୁର ଅଞ୍ଚଳର ଅଂଶୁମାନ ନାଏକ (୨୦) ଅନ୍ୟ ୫ ଜଣ ସାଙ୍ଗଙ୍କ ସହିତ ମିଶି ରବିବାର ପୂର୍ବାହ୍ଣରେ ଶିମିଳିପାଳ ବୁଲି ଯାଇଥିଲେ। ସେଠାରେ ସେମାନ ନଦୀରେ ଗାଧେଇବା ସମୟରେ ଅଙ୍କିତ ଓ ଅଂଶୁମାନଙ୍କ ଗୋଡଖସି ଯାଇଥିଲା। ଫଳରେ ସେମାନେ ୨ଜଣ ଭାସିଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲା। ଉଭୟ ନିଖୋଜ ହେବାର କିଛି ସମୟ ପରେ ଅଗ୍ନିଶମ ବାହିନୀ ୨ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା। ଡାକ୍ତରଖାନାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଷ୍ଟମର୍ଟମ ପାଇଁ ମୃତଦେହ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଡାକ୍ତରଖାନାକୁ ପଠାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ରାଉରକେଲା ଅଧୀନ ତେତେରକେଲା ନିକଟ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସାଙ୍ଗ ହୋଇ ଗାଧୋଇବା ବେଳେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ସାଙ୍ଗ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସେହିପରି କୋରାପୁଟ ଜିଲ୍ଲା ଲମତାପୁଟ ଜଲାପୁଟ ଜଳଭଣ୍ଡାରରେ ଏକ ଅଘଟଣ ଘଟିଥିବା କୁହାଯାଉଛି। ଜଲାପୁଟ ଡ୍ୟାମରୁ ୨ ଜଣ ଯୁବକ-ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଏମାନେ ଶନିବାର ଠାରୁ ନିଖୋଜ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜିବା ପରେ ଅଗ୍ନିଶମ ବାହିନୀ ଦ୍ୱାରା ଦୁହିଁଙ୍କର ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଓ ଯୁବତୀ ପାଡୁଆ ଥାନା ଅନ୍ତର୍ଗତ ବନୁର ଓ ବାଇରପଡ଼ା ଗାଁର ବୋଲି ଜଣାପଡ଼ିଛି। ତେବେ କେଉଁ ପରିସ୍ଥିତିରେ ଉଭୟଙ୍କ ମୃତ୍ୟୁ ଘଟିଛି ତାହା ଏ ଯାଏ ସ୍ପଷ୍ଟ ହୋଇନି। ପୁଲିସ ଏକ ମାମଲା ରୁଜୁ କରି ଘଟଣାରେ ଛାନ୍‌ଭିନ୍ ଆରମ୍ଭ କରିଛି।




ଭୁବନେଶ୍ୱର : ଓଡ଼ିଶା ସଙ୍ଗୀତ ଏକାଡେମୀ ଆନୁକୁଲ୍ୟରେ ଗତ ଶୁକ୍ରବାର ଦିନ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ‘ଏ ଜାତିର ସେନାପତି’ ନାଟକକୁ ଅନ୍ୟ ଅତିଥିମାନଙ୍କ ସହ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ଗୃହନିର୍ମାଣ ତଥା ନଗର ଉନ୍ନୟନ ମନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**



ବୌଦ୍ଧ ଗସ୍ତରେ ଆସିଥିବା ମନ୍ତ୍ରୀ ଗୃହନିର୍ମାଣ ତଥା ନଗର ଉନ୍ନୟନ ବିଭାଗ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ବୌଦ୍ଧସହରର ମର୍ଜାକୁଦ, କୁଲାରିକୁଦ, ନବ ନିର୍ମାଣ ବୌଦ୍ଧ ବସ୍‌ଷ୍ଟାଣ୍ଡ, ଆଳତୀଘାଟ, ଓ ଚନ୍ଦ୍ରଚୂଡ଼ ମନ୍ଦିର ଯାଇ ବାବା ଚନ୍ଦ୍ରଚୁଡଙ୍କୁ ଦର୍ଶନ କରିବା ସହିତ ପୁରୁଣା ଦୈନିକ ବଜାର ଏବଂ ବୌଦ୍ଧ ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ତଥା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚ଼ନା କରିବା ସହିତ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିଥିଲେ। ଏହି ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ-ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ କଚେରୀ ଖେଳପଡିଆ ଠାରେ ମନ୍ତ୍ରୀ ଗୃହନିର୍ମାଣ ତଥା ନଗର ଉନ୍ନୟନ ବିଭାଗ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ବୌଦ୍ଧର ବିକାଶ ମେଳା ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶ୍ରୀ ମହାପାତ୍ର ଫିତାକାଟି ଏହି ମେଳାକୁ ଉଦ୍‌ଘାଟନ କରିଥିବାବେଳେ ଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ-ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଉପସ୍ଥିତ ଥିଲେ। ଉଦଘାଟନ ପରେ ଓରମାସ୍ ତରଫରୁ ହୋଇଥିବା ୨୫ଟି ଓ ମିଶନଶକ୍ତି ତରଫରୁ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଷ୍ଟଲ ୨୫ଟି ବୁଲି ମନ୍ତ୍ରୀ ଓ ଅତିଥିମାନେ ଦେଖିଥିଲେ। ଏହିମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ସନ୍ଧ୍ୟାରେ ପାଲା, ଦାସକାଠିଆ, ସଂକୀର୍ତ୍ତନ୍ୟ ମଣ୍ଡଳୀ, କୃଷ୍ଣଗୁରୁ କଳାକାର, ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ବହୁସଂଖ୍ୟାରେ ସ୍ୱୟଂସେବିକା ଗୋଷ୍ଠୀର ସଦସ୍ୟା, ଜନସାଧାରଣ ଉପସ୍ଥିତ ରହି ମେଳା ବୁଲିବା ସହିତ ପାରମ୍ପରିକ ଖାଦ୍ୟର ମଜା ଉଠାଇଥିଲେ।

## ବେସିକ ସାଇନ୍ସ କଲେଜ ପୁରାତନ ଛାତ୍ରମାନଙ୍କର ବନ୍ଧୁମିଳନ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବେସିକ ସାଇନ୍ସ କଲେଜ ୧୯୭୪-୭୬ ମସିହା ପୁରାତନ ଛାତ୍ରମାନଙ୍କର ଏକ ବନ୍ଧୁମିଳନ ଭୁବନେଶ୍ୱର କ୍ଲବରେ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ସହପାଠୀ ବନ୍ଧୁମାନଙ୍କୁ ମନେପକାଇ ସ୍ୱର୍ଗତ ଆତ୍ମାମାନଙ୍କର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କଲେଜ ହୀରକ ଜୟନ୍ତୀ ପାଳନ ଅବସରରେ କର୍ତ୍ତୃପକ୍ଷ ପୁରାତନ ଛାତ୍ରମାନଙ୍କୁ ଆମନ୍ତ୍ରଣ ନକରିବାକୁ ସମସ୍ତେ ତାଙ୍କର କ୍ଷୋଭ ବ୍ୟକ୍ତ କରିଥିଲେ। କର୍ତ୍ତୃପକ୍ଷଙ୍କ ସହମତି କ୍ରମେ ଆଗାମୀ ଦିନରେ କଲେଜ ପରିସରରେ ପୁରାତନ ଛାତ୍ରମାନଙ୍କର ଏକ ବନ୍ଧୁମିଳନ କରାଯିବା ପାଇଁ ସ୍ଥିର କରାଗଲା। ବିଶିଷ୍ଟ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରଚାରକ ସଂଗ୍ରାମ କିଶୋର ପଟ୍ଟନାୟକ ଦେଶ ବିଦେଶରେ ଓଡ଼ିଆ ଜାତିର ପ୍ରତୀକ ପ୍ରଭୁ ଶ୍ରୀଜଗନ୍ନାଥ ସଂସ୍କୃତି, କଳା ଓ ପରମ୍ପରାର ପ୍ରଚାର ପ୍ରସାରରେ ଅନୁଭୂତି ପ୍ରକାଶ କରିଥିଲେ। ଯୋଗ ଦେଇଥିବା ସମସ୍ତ ବନ୍ଧୁ ଛାତ୍ର ସମୟର ଅନୁଭୂତି ସ୍ମୃତିଚାରଣ କରିବା ସହ କର୍ମମୟ ଜୀବନର ଅଭିଜ୍ଞତା, କର୍ମଦକ୍ଷତା ଓ ଆଗାମୀ ପିଢ଼ି ପାଇଁ ଅବସରପ୍ରାପ୍ତ ସମୟରେ ପ୍ରେରଣାଦାୟୀ କାର୍ଯ୍ୟପନ୍ଥା କରୁଥିବାର ଶୈଳୀ ପ୍ରକାଶ କରିଥିଲେ। ବନ୍ଧୁମିଳନର ଆୟୋଜକ ପ୍ରବାଳ କୁମାର ମହାପାତ୍ର, ରାଜୀବ କୁମାର ମିଶ୍ର, ଡ. ଦେବାଶିଷ ରାୟ, ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଫେସର ଜୟନ୍ତ କୁମାର ପରିଡ଼ା, ସଂଗ୍ରାମ ପଟ୍ଟନାୟକ ଓ ଶରତ କୁମାର ପାତ୍ରଙ୍କ ସମେତ ଅନେକ ଖ୍ୟାତିସମ୍ପନ୍ନ ବ୍ୟକ୍ତି ଏହି ବନ୍ଧୁମିଳନରେ ଯୋଗ ଦେଇଥିଲେ। ସର୍ବଶେଷରେ ରାତ୍ରଭୋଜନର ବ୍ୟବସ୍ଥା କରାଯାଇଥିଲା।

### ବାପାଙ୍କ ଅଧୁରା ସ୍ୱପ୍ନ ପୂରା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

## ନୂଆ କରି ନିର୍ମାଣ ହେବ ଧାମନଗର-ଫଳପୁର ରାସ୍ତା

**ଧାମନଗର, ନ୍ୟୁଜ ବ୍ୟୁରୋ**



ଧାମନଗର-ଫଳପୁର ରାସ୍ତାର ସୁଦୃଢ଼ୀକରଣ ଓ ପ୍ରଶସ୍ତିକରଣ ପାଇଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ଟଙ୍କା ମଞ୍ଜୁର ହୋଇଛି। ରାସ୍ତା ନିର୍ମାଣ ଲାଗି ବିଭାଗ ପକ୍ଷରୁ ନକ୍ସା ପ୍ରସ୍ତୁତ ହୋଇ ସାରିଥିବାବେଳେ ଏବେ ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ ହେଉଛି। ଡିପିଆର ତିଆରି ହୋଇଗଲା ପରେ ଟେଣ୍ଡର ପ୍ରକ୍ରିୟାକୁ ଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି ରାସ୍ତା ନିର୍ମାଣର ମୂଳ ଲକ୍ଷ୍ୟ ହେଲା ବନ୍ୟା ସମୟରେ ଜାହାଙ୍ଗୀର-ଫଳପୁର ଅଞ୍ଚଳ ଧାମନଗର ସହ ଯୋଗାଯୋଗ ବିଚ୍ଛିନ୍ନ ହେବ ନାହିଁ ବୋଲି ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି। ଧାମନଗର-ଫଳପୁର ରାସ୍ତାଟି ଦୀର୍ଘ ବର୍ଷ ହେବ ବିପର୍ଯ୍ୟସ୍ତ ହୋଇ ପଡ଼ି ରହିଥିଲା। ପୂର୍ବରୁ ୨୦୦୭ରେ ଏହାକୁ ପକ୍କା ସଡ଼କ କରାଯାଇଥିଲା। ହେଲେ ପ୍ରତି ବର୍ଷ ବନ୍ୟା ଓ ଭାରି ଯାନ ଚଳାଚଳ ଯୋଗୁଁ ଏହା ନଷ୍ଟ ହୋଇ ଯାଇଥିଲା। ବନ୍ୟା ପରେ ପରେପାଣି ଜମି ରହିବା ସହ ବଡ଼ ଗାଡ଼ି ଚାଲିବାରୁ ରାସ୍ତା ସଂପୂର୍ଣ୍ଣ ନଷ୍ଟ ହୋଇଥିଲା। ମାତ୍ର ୭ କିଲୋମିଟର ଲମ୍ବର ରାସ୍ତା ପାର୍ ହେବାକୁ ବାଇକରେ ଘଣ୍ଟାଏ ଲାଗି ଯାଉଥିଲା।

ଆବଶ୍ୟକ ସମୟରେ ଦମକଳକି ଆମ୍ବୁଲାନ୍ସ ଚଳାଚଳ କରିବା ସମ୍ଭବ ହେଉନଥିଲା। କରଦା, ପଧାନି, ଦଳାଙ୍ଗ, ଅର୍ଜ୍ଜୁନପୁର, ଭଟ୍ଟସାହି ଓ ନଦୀଗାଁ ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହା ଉପରେ ନିର୍ଭର କରନ୍ତି। ରାସ୍ତା ଖରାପ କାରଣରୁ ବହୁ ଲୋକ ହଇରାଣ ମଧ୍ୟ ହୁଅନ୍ତି। ଏ ରାସ୍ତା ସମସ୍ୟା ନେଇ ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀ ୨୦୨୦ ଫେବ୍ରୁଆରିରେ ବିଧାନସଭାର ବଜେଟ ଅଧିବେଶନରେ ଉଠାଇଥିଲେ। ରାସ୍ତା ନିର୍ମାଣ ଲାଗି ଦାବି କରିଥିଲେ। ହେଲେ ତତ୍‌କାଳୀନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ ଉତ୍ତର ଦେଇଥିଲେ ଯେ, ରାସ୍ତା ମରାମତି ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହି ରାସ୍ତା ନିର୍ମାଣ ନିମ୍ନମାନର ହେବାରୁ ବର୍ଷକ ମଧ୍ୟରେ ତାହା ନଷ୍ଟ ହୋଇଯାଇଥିଲା। ସେବେଠାରୁ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ି ରହିଥିଲା। ବିଷ୍ଣୁଙ୍କ ପରେ ତାଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜ ବିଧାୟକ ହୋଇଥିଲେ। ଏହି ରାସ୍ତା ସଂପର୍କରେ ସେ ମଧ୍ୟ ୨୦୨୩ ଫେବ୍ରୁୟାରିରେ ହୋଇଥିବା ବଜେଟ୍ ଅଧିବେଶନରେ ଉଠାଇଥିଲେ। ତତ୍‌କାଳୀନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏହି ରାସ୍ତାର ପୁନଃ ନିର୍ମାଣ କରାଯିବ ବୋଲି କହିଥିଲେ। ହେଲେ ୨୦୨୪ନିର୍ବାଚନ ସରିବା ଯାଏ କିଛି ପଦକ୍ଷେପ ନିଆଯାଇନଥିଲା। ପରେ ଧାମନଗରରୁ ନିର୍ବାଚିତ ହୋଇ ଉଚ୍ଚଶିକ୍ଷା ମନ୍ତ୍ରୀ ହୋଇଥିଲେ। ବାପାଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବା ଲାଗି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଥମେ ଏ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଇଥିଲେ। ତା ପରେ ସଂପୂର୍ଣ୍ଣ ଭାବେ ନୂଆ କରି ନିର୍ମାଣ କରିବା ଲାଗି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ଏନେଇ ପ୍ରସ୍ତାବ ରଖିବା ପରେ ପ୍ରାୟ ୨୯ କୋଟି ଟଙ୍କାରେ ରାସ୍ତା ନିର୍ମାଣ କରିବା ଲାଗି ପ୍ରାଶାସନିକ ଅନୁମୋଦନ ଲୋଡ଼ିଥିଲେ। ରାସ୍ତାରେ ୪ଟି ବକ୍ସେଲ କଲଭର୍ଟ ସହ ନୂଆ କରି ନିର୍ମାଣ କରିବା ଲାଗି ଅନୁମୋଦନ ମିଳିଛି ବୋଲି ପୂର୍ତ୍ତ ବିଭାଗ ଅଧିକାରୀ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହଇଜା ସ୍ଥିତି ...

ଜିଲ୍ଲା ଗସ୍ତରେ ଆସି ବଡ଼ଚଣା, ଧର୍ମଶାଳା, ମଧୁବନ ରସୁଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଝାଡାବାନ୍ତି ରୋଗରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ସହିତ ଯୋଗାଇ ଦିଆଯାଉଥିବା ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଉପସ୍ଥିତ ଡାକ୍ତରମାନଙ୍କ ସହିତ ସବିଶେଷ ଆଲୋଚନା କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏହି ବୈଠକରେ ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, କେନ୍ଦ୍ରୀୟ ଦଳର ସଦସ୍ୟ ଗଣ ଓ ଜନ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଜୁନ ୧୦ ତାରିଖରୁ ବିଭିନ୍ନ ଚିକିତ୍ସାଳୟରେ ଆଡମିଟ ହୋଇଥିବା ରୋଗୀମାନଙ୍କର ଚିକିତ୍ସା ବ୍ୟବସ୍ଥା, ରେଫରାଲ କେସ ଓ ଡିସଚାର୍ଜ ସମ୍ପର୍କୀୟ ତଥ୍ୟ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସଂକ୍ରମିତ ରୋଗୀ ଓ ତାଙ୍କ ପରିବାରର ସବିଶେଷ ତଥ୍ୟ ଆଶା ଓ ଅଙ୍ଗନାଡି କର୍ମୀମାନଙ୍କ ମାଧ୍ୟମରେ ଏକ ଡାଟାବେସ ପ୍ରସ୍ତୁତ କରାଯାଉଛି। ଜିଲ୍ଲାରେ ଥିବା ପ୍ରତ୍ୟେକ ସରକାରୀ ଓ ବେସରକାରୀ ନଳକୂପ, କୂପ ଓ ଓଭରହେଡ ଟାଙ୍କି ଥିବା ଜଳ ଉତ୍ସ ଗୁଡ଼ିକୁ ବିଭାଗୀୟ କର୍ମଚାରୀ ମାନଙ୍କ ଦ୍ୱାରା ବିଶୋଧନ କରାଯାଉଛି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ପରାମର୍ଶ ସମ୍ପର୍କୀୟ ସଚେତନତା ବାର୍ତ୍ତା ବାରମ୍ବାର ସାମାଜିକ ଗଣମାଧ୍ୟମରେ ଜନ ସାଧାରଣଙ୍କ ସଚେତନତା ନିମନ୍ତେ ପ୍ରଚାର ପ୍ରସାର କରାଯାଉଛି। ଏତଦ ବ୍ୟତୀତ ଆଶା, ଅଙ୍ଗନାଡି କର୍ମୀ, ଏ.ଏନ୍.ଏମ ମାନଙ୍କ ମାଧ୍ୟମରେ ଘରକୁ ଘର ବୁଲି ସଚେତନ କରାଯାଉଛି। ସ୍ୱତନ୍ତ୍ର ମେଡିକାଲ ଟିମ ସମ୍ବେଦନଶୀଳ ଅଞ୍ଚଳରେ ପହଞ୍ଚି ଚିକିତ୍ସା ଯୋଗାଇ ଦିଆଯାଉଛି। ବ୍ଲିଚିଙ୍ଗ ପାଉଡର, ହଲୋଜିନ ଟାବଲେଟ ଓ ଓ.ଆର.ଏସ ବଣ୍ଟନ କରାଯାଉଛି। ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଶନିବାର ରାତି ୧୧ ଟାରୁ ରବିବାର ସକାଳ ୮ ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୨୨୫ ଜଣ ଚିକିତ୍ସିତ ହେଉଥିବା ବେଳେ ୯୬ ଜଣ ନୂଆ ରୋଗୀଙ୍କୁ ମିଶାଇ ୩୨୧ ଜଣ ଥିବାବେଳେ ୬ ଜଣଙ୍କୁ ରେଫର କରାଯାଇଥିବା ବେଳେ ୫୭ ଜଣ ଡିସଚାର୍ଜ ହୋଇଛନ୍ତି ଏବଂ ୨୫୮ ଜଣ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମୀକ୍ଷା ବୈଠକରେ କହିଲେ ଦୂଷିତ ଜଳ, ଖାଦ୍ୟ ଜନିତ ସମସ୍ୟାର ତୁରନ୍ତ ସମାଧାନ କରାଯିବ। ଯେତେ ବି ନଳକୂପ ଓ ଜଳଉତ୍ସ ଗୁଡିକ ରହିଛି ତାହାର ବିଶୋଧନ କରାଯାଉଛି ଏବଂ ଆଗକୁ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିବ। ମାଇକିଂ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନ କରାଯାଉଛି। ନୋଡାଲ ଅଫିସରଙ୍କ ଦ୍ୱାରା ଏବେ କେତେ ରୋଗୀ ଚିହ୍ନଟ ହୋଇଛନ୍ତି ତାହାର ତାଲିକା ପ୍ରସ୍ତୁତ କରାଯାଇ ତାଙ୍କୁ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଡକ୍ସି ସାଇକ୍ଲିନ ଇଞ୍ଜେକସନ ଦିଆଯିବ। ଯାହାକି ସଂକ୍ରମଣକୁ ରୋକିବାରେ ସହାୟକ ହେବ। ସରକାରଙ୍କ ତରଫରୁ ସଂକ୍ରମଣ ରୋକିବା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଲୋକମାନେ ଭୟଭୀତ ନହେବାକୁ ପରାମର୍ଶ ଦେଇଥିଲେ। ପରେ ମନ୍ତ୍ରୀ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ।

### ବରୀରେ ୨ ସପ୍ତାହ...

ବ୍ୟାପିଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏହାକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲା ବରୀରେ ୨ ସପ୍ତାହ ପାଇଁ ସମସ୍ତ ହୋଟେଲ୍, ଢାବା, ତେଜରାତି ଓ ମିଠା ଦୋକାନ ବନ୍ଦ ରହିବ। ହଇଜା ସଂକ୍ରମଣକୁ ଦୃଷ୍ଟିରେ ରଖି ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ନିର୍ଦ୍ଦେଶ ହୋଇଛି।

### ଡାଇରିଆ ସ୍ଥିତିନେଇ...

ଡାଇରିଆ। ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା ଓ ବରଗଡ଼ରେ ଝାଡାବାନ୍ତିରେ ପୀଡ଼ିତ ହୋଇଛନ୍ତି ଲୋକେ। ଦୂଷିତ ଜଳ ଓ ବିଷାକ୍ତ ଖାଦ୍ୟ ମୁଖ୍ୟ କାରଣ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାହାଯାଇଛି।

### ଭୁଶୁଡ଼ିଲା...

ଲୋକ ଚଢିଥିଲେ। ଲୋକଙ୍କ ସହିତ ବ୍ରିଜ ଉପରେ ଅନେକ ଦୁଇ ଚକିଆ ଗାଡ଼ି ମଧ୍ୟ ଥିଲା। ଓଜନ ଅଧିକ ହେବା କାରଣରୁ ବ୍ରିଜ୍‌ଟି ଭୁଶୁଡ଼ି ଯାଇଥାଇପାରେ ବୋଲି ସେ ଆଶଙ୍କା କରିଛନ୍ତି।

### ଏଫଆଇଆରଠାରୁ ...

ସରକାରଙ୍କ ୧୧ ବର୍ଷର କାର୍ଯ୍ୟକାଳରେ ଦେଶ ସୁରକ୍ଷିତ ହୋଇଛି। ସେ କହିଥିଲେ ଯେ ନକ୍ସଲବାଦ ଦେଶର ୧୧ ରାଜ୍ୟରେ ଥିଲା। ଏବେ ୧୧ ବର୍ଷ ମଧ୍ୟରେ ୧୧ ରାଜ୍ୟ ମଧ୍ୟରୁ ତିନୋଟି ଜିଲ୍ଲାରେ ନକ୍ସଲବାଦ ବାକି ଅଛି। ୨୦୨୬ ମାର୍ଚ୍ଚ ୩୧ସୁଦ୍ଧା ଦେଶ ନକ୍ସଲବାଦ ମୁକ୍ତ ହେବ।

### ହେଲିକପ୍ଟର...

ଯାଉଥିବା ବେଳେ ପାଗ ଖରାପ ହୋଇଯାଇଥିଲା। ପାଇଲଟ ହେଲିକପ୍ଟରର ରୁଟ୍ ପରିବର୍ତ୍ତନ କରି ସେଠାରୁ ବାହାରିବାକୁ ପ୍ରୟାସ କରିଥିଲେ। କିନ୍ତୁ ସେଥିରେ ସେ ସଫଳ ହୋଇନଥିଲେ ଓ ହେଲିକପ୍ଟରଟି କ୍ରାଶ ହୋଇଯାଇଥିଲା। ଗୌରୀକୁଣ୍ଡ ପାଖାପାଖି ଜଙ୍ଗଲରେ ଏହା ପଡ଼ି ଜଳି ଯାଇଥିବା ବେଳେ ଗାଈ ଚରାଉଥିବା ଲୋକେ ପ୍ରଥମେ ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରକୁ ଠାବ କରିଥିଲେ। ସେମାନେ ଏନେଇ ପୁଲିସକୁ ଖବର ଦେଇଥିଲେ। ଘଟଣା ସଂପର୍କରେ ପ୍ରଶାସନ ଖବର ପାଇବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏନଡିଆରଏଫ ଓ ଏସଡିଆରଏଫ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

### ଆମେରିକା ଉପରେ...

ଏକ ପୋଷ୍ଟ କରି ଖୋମନେଇ ନେତୃତ୍ୱାଧୀନ ଇସଲାମିକ ରିପବ୍ଲିକ ଇରାନକୁ କଡ଼ା ଶବ୍ଦରେ ଧମକ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ଇରାନ ଉପରେ ଇସ୍ରାଏଲର ଆକ୍ରମଣ ପଛରେ ଆମେରିକାର କୌଣସି ଭୂମିକା ନାହିଁ। ଏହା ସତ୍ତ୍ୱେ ଯଦି ଆମେରିକା ଉପରେ କୌଣସି ବାଟରେ ଇରାନ ଆକ୍ରମଣ କରେ, ତେବେ ଆମେରିକା ଏହାର ସେନାକୁ ନିୟନ୍ତ୍ରଣମୁକ୍ତ କରିଦେବ, ଯାହାର ପରିଣାମ ଇରାନ କେବେ ଚିନ୍ତା କରି ନ ଥିବ। ତେବେ ଟ୍ରମ୍ପ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଡିଲ୍ କରି ଏହି ଯୁଦ୍ଧ ରୋକିପାରିବେ ବୋଲି କହିଛନ୍ତି।

### ଟ୍ରମ୍ପଙ୍କ ସହ ...

କହିଥିଲେ ଯେ, ଏହାର ନକାରାତ୍ମକ ପ୍ରଭାବ ସମଗ୍ର ମଧ୍ୟପ୍ରାଚ୍ୟ ଅଞ୍ଚଳ ଅନୁଭବ କରିବ। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସଂଘର୍ଷକୁ ଆହୁରି ବୃଦ୍ଧି ନକରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସମ୍ଭାବ୍ୟ ଶାନ୍ତି ପ୍ରୟାସରେ ଅଂଶଗ୍ରହଣ କରିବାକୁ ରୁଷିଆର ଇଚ୍ଛୁକତା ପ୍ରକାଶ କରିଥିଲେ। ସେ ବିବାଦର ସମାଧାନ ପାଇଁ ମଧ୍ୟସ୍ଥତା ମଧ୍ୟ ପ୍ରସ୍ତାବ ଦେଇଥିଲେ। ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବର୍ତ୍ତମାନର ପରିସ୍ଥିତିକୁ ଗମ୍ଭୀର ବୋଲି ବର୍ଣ୍ଣନା କରି କହିଛନ୍ତି ଯେ, ଇରାନକୁ ଆଲୋଚନାକୁ ଫେରିବାକୁ ପଡିବ। ସେ ଏହା ମଧ୍ୟ କହିଛନ୍ତି, ଆମେରିକାର ଆଲୋଚନା ଦଳ ଏଥିପାଇଁ ପ୍ରସ୍ତୁତ ଏବଂ ସେମାନେ ଇରାନ ପ୍ରତିନିଧିଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତୁତ।

### ବିମାନର ଧ୍ୱଂସାବଶେଷ...

ବିମାନର ଲୁହା ମଧ୍ୟ ତରଳି ଯାଇଥିଲା। ଏପରି ପରିସ୍ଥିତିରେ ଲଡ୍ଡୁ ଗୋପାଳଙ୍କ ମୂର୍ତ୍ତି ଏବଂ ଭଗବତ୍ ଗୀତାର ବହିର କିଛି ହୋଇ ନଥିବା ନିଶ୍ଚୟ ଭାବେ ଆଶ୍ଚର୍ଯ୍ୟଜନକ ଘଟଣା ବୋଲି କୁହାଯାଇପାରେ।

## ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟ ସହ ଜିଲ୍ଲାର ବିକାଶ ଘଟିଛି : ଦକ୍ଷତା ବିକାଶ ମନ୍ତ୍ରୀ



**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ସ୍ଥିତ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭, ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟ ସହ ଜିଲ୍ଲାର ବିକାଶ ଘଟିଛି ବୋଲି କହିଥିଲେ। ସବକା ସାଥ ସବକା ବିକାଶ ନ୍ୟାୟରେ ୨୦୩୬ ସୁଦ୍ଧା ରାଜ୍ୟର ଅର୍ଥନୀତିକୁ ୫୦୦ ବିଲିଅନ ଡଲାରରେ ପହଞ୍ଚାଇ ବିକାଶର ବେଗକୁ ତ୍ୱରାନ୍ୱିତ କରିବା ପାଇଁ ସେ ଆଶା ପୋଷଣ କରିଥିଲେ। ତୃଣମୂଳ ସ୍ତରରୁ ବିକାଶ ହେଲେ ଯାଇ ସାମଗ୍ରିକ ବିକାଶ ସମ୍ଭବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନ୍ୟବର ସାଂସଦ ଜଗତସିଂହପୁର ବିଭୁ ପ୍ରସାଦ ତରାଇ ବିକାଶର ମୂଳଦୁଆ ଗ୍ରାମୀଣ କ୍ଷେତ୍ରରୁ ହୋଇଥାଏ ବୋଲି ମନ୍ତବ୍ୟ ରଖିଥିଲେ। ଗ୍ରାମରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥା ଆଦିର ଉନ୍ନତି ହେଲେ ଜିଲ୍ଲାର ଉନ୍ନତି ସମ୍ଭବ ବୋଲି କହିଥିଲେ। ସଭାରେ ଉପସ୍ଥିତ ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ ଜିଲ୍ଲାର ଯୁବ ଶକ୍ତିର ବିକାଶ ହେଲେ ଜିଲ୍ଲାର ଉନ୍ନତି ସମ୍ଭବ ବୋଲି କହିଥିଲ। ଉପଯୁକ୍ତ ଶିକ୍ଷା, ଦକ୍ଷତା ବିକାଶ ସେଣ୍ଟର୍ ମିଳିଲେ ଜିଲ୍ଲାର ଯୁବକମାନେ କୁଶଳୀ ହୋଇପାରିବେ। ଇଣ୍ଟିଗ୍ରେଟେଡ ସଭାରେ ଯୋଗ ଦେଇ ବିଧାୟକ ବାଲିକୁଦା ଏରସମା ସାରଦା ପ୍ରସନ୍ନ ଜେନା ଜିଲ୍ଲାରେ କୃଷି, ଶିଳ୍ପ, ମତ୍ସ୍ୟ ଆଦି କ୍ଷେତ୍ରରେ ଥିବା ସମ୍ଭାବ୍ୟ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ। ତିର୍ତ୍ତୋଲ ବିଧାୟକ ଡ଼ଃ ରମାକାନ୍ତ ଭୋଇ ଜିଲ୍ଲାର ବିକାଶ ଗ୍ରାମର ବିକାଶରେ ରହିଛି ବୋଲି କହିଥିଲେ। ଜଗତସିଂହପୁର ଜିଲ୍ଲାର ବେକାର ଯୁବକ ଯୁବତୀଙ୍କୁ ଦକ୍ଷତା ବିକାଶ ଶିକ୍ଷା ସହ କର୍ମ ସଂସ୍ଥାନ ଯୋଗାଇ ଦିଆଯାଇ ପାରିଲେ ଜିଲ୍ଲାର ଉନ୍ନତି ସମ୍ଭବ ବୋଲି ସେ କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ପାରାଦ୍ୱୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ମଧ୍ୟ ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ତଥା ବିକଶିତ ଗ୍ରାମର ଭାଗିଦାରୀ ବିଷୟରେ ମତ ପ୍ରକାଶ କରିଥିଲେ। ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଉପସ୍ଥିତ ରହିଥିଲେ। ପରେ ପରେ ଅର୍ଥନୀତିଜ୍ଞ ମାନଙ୍କ ଦ୍ୱାରା ସତତ ବିକାଶ ଓ ଓଡ଼ିଶାର ଭବିଷ୍ୟତ ବିଷୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶେଷରେ ଡି ଡି ପ୍ଲାନିଂ ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷାବିତ୍ ପ୍ରଫେସର ପ୍ରଫୁଲ୍ଲ ମହାପାତ୍ରଙ୍କ ପରଲୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ର ପୂର୍ବତନ ସଭାପତି ଓ ଏସ୍‌ସିଆରଟିର ପୂର୍ବତନ ନିର୍ଦ୍ଦେଶକ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡଃ. ପ୍ରଫୁଲ ଚନ୍ଦ୍ର ମହାପାତ୍ରଙ୍କ ପରଲୋକ। ଡଃ ମହାପାତ୍ର ୮୪ ବର୍ଷ ବୟସରେ ଭୁବନେଶ୍ୱର ଆଇଆରସି ଭିଲେଜ ସ୍ଥିତ ବାସଭବନରେ ଇହଲୀଳା ସମ୍ବରଣ କରିଛନ୍ତି। ଅଧ୍ୟାପକରୁ ଚାକିରି ଜୀବନ ଆରମ୍ଭ କରିଥିବା ଡଃ ମହାପାତ୍ର ବିଭିନ୍ନ ସମୟରେ କଟକ ସ୍ଥିତ ଆରଏନଆଇଏଏସଇ (ଆରଏନଟି) ଟ୍ରେନିଂ କଲେଜ ଓ ଏସସିଆରଟିରେ ପ୍ରଫେସର, କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟରେ ଏନଏସଏସର ଉପ କାର୍ଯ୍ୟକ୍ରମ ପରାମର୍ଶଦାତା, ଓଡ଼ିଶାରେ ସମସ୍ତଙ୍କ ପାଇଁ ଶିକ୍ଷା ସେଲ୍‌ର ସଦସ୍ୟ ସଚିବ, ପଞ୍ଚମ ସର୍ବଭାରତୀୟ ଶିକ୍ଷା ସର୍ଭେରେ ରାଜ୍ୟ ସର୍ଭେ ଅଧିକାରୀ, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ର ସଭାପତି ଓ ଏସଆରଟିର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଏହା ଛଡ଼ା ସେ ଭାରତ ସରକାରଙ୍କ ମାନବ ସମ୍ବଳ ମନ୍ତ୍ରଣାଳୟ ଦ୍ୱାରା ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ର ଭୂମିକା ନେଇ ଗଠିତ ଟାସ୍କ ଫୋର୍ସର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ସେ ୧୯୯୯ ମସିହାରେ ଚାକିରୀରୁ ଅବସର ନେଇଥିଲେ। ଅବସର ପରେ ଡଃ ମହାପାତ୍ର ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ଗଠିତ ଭିଜନ୍ ୨୦୨୦ ଟାସ୍କ ଫୋର୍ସର ସଦସ୍ୟ ଭାରତ ସରକାରଙ୍କ ସ୍ୱାକ୍ଷରତା ମିଶନର କୋର ଗ୍ରୁପ୍ ସଦସ୍ୟ, ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅନୁସୂଚିତ ଜନଜାତି ଶିକ୍ଷା ସମିତି (ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ)ର ସଦସ୍ୟ, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ର ପରୀକ୍ଷା ସଂସ୍କାର କମିଟିର ଅଧ୍ୟକ୍ଷ, ଜାତୀୟ ପାଠ୍ୟକ୍ରମ ଫ୍ରେମ୍ ୱାର୍କର ସଦସ୍ୟ, ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନସିଟିଇ)ର ପୂର୍ବାଞ୍ଚଳ ଅଧ୍ୟକ୍ଷ ଓ ଓଡ଼ିଶା ଶିକ୍ଷା ବିକାଶ ସମିତିର ସଭାପତି ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ ଏନସିଆରଟି ଦ୍ୱାରା ପ୍ରକାଶିତ ଓଡ଼ିଶାର ପଞ୍ଚମ ଶିକ୍ଷା ସର୍ଭେ, ଓଡ଼ିଶାର ଶିକ୍ଷା ପ୍ରଶାସନିକ ସର୍ଭେ, ଭାରତରେ ଶିକ୍ଷକ ଶିକ୍ଷା, ସମସ୍ତଙ୍କ ପାଇଁ ଶିକ୍ଷା ଆଦି ପୁସ୍ତକ ଲେଖିବା ସହ ତାଙ୍କ ଦ୍ୱାରା ଲିଖିତ ୪୭ଟି ଗବେଷଣାତ୍ମକ ସନ୍ଦର୍ଭ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ଜର୍ଣ୍ଣାଲ୍‌ରେ ପ୍ରକାଶିତ ହୋଇଥିଲା। ଏହା ବ୍ୟତିତ ସେ ରୋଟାରୀ କ୍ଲବର ସଦସ୍ୟ ଓ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ (ଗୋପବନ୍ଧୁ ଖଦୀ ସୋସାଇଟି)ର ସଭାପତି ରହିଥିଲେ। ଡଃ ମହାପାତ୍ର ଜଣେ ସୁନାମଧନ୍ୟ ଶିକ୍ଷାବିତ ଓ ପ୍ରଶାସକ ଭାବେ ସୁନାମ ଅର୍ଜନ କରିଥିଲେ। ସେ ଜଣେ ଅତ୍ୟନ୍ତ ମେଳାପି, ସରଳ ଓ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି।

ଭୁବନେଶ୍ୱର
୧୬ ଜୁନ୍,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରଥରେ ଉଠିଲା ବଡ଼ ପୋଟଳ, ଚାରପରିଛା ଲାଗି ତାଗ ବାଡ଼ିଆ ଆରମ୍ଭ

**ପୁରୀ, ୧୫/୦୬ ନ୍ୟୁଜ ବ୍ୟୁରୋ**



ଚାହୁଁ ଚାହୁଁ ବଡ଼ଦାଣ୍ଡରେ ଠିଆ ହେଲେଣି ରଥତ୍ରୟ । ରଥରେ ବଡ଼ ପୋଟଳ ଉଠାଯାଇଛି । ତୃତୀୟ ଭୂଇଁ ଟୁଙ୍ଗୁରା ପରେ ବଡ଼ ପୋଟଳ ଉଠାଗଲା । ପୂର୍ବରୁ ରଥରେ ଧମକ ଲଗା ଯାଇ ପ୍ରଥମ, ଦ୍ୱିତୀୟ ଭୂଇଁ ଉଠିଥିଲା । ପରେ ପୋଟଳ ଓରା, ପୋଟଳ ଖମ୍ବି ଓ ପୋଟଳ ପାରେଣୀ କାମ ସରିଲା । ଏହା ପରେ ବଡ଼ ପୋଟଳ ରଖାଗଲା । ବିଶ୍ୱକର୍ମାଙ୍କ ନିର୍ଦ୍ଦେଶରେ ଭୋଇ ସେବକମାନେ କାଠ ସବୁକୁ ରଥ ଉପରକୁ ବୋହି ନେଇଥିଲେ । ବଡ଼ ପୋଟଳ ଉଠାଇ ସାରି ରଥ ଶୀର୍ଷରେ ଠିଆ ହୋଇ ଭୋଇ ସେବକମାନେ ହରିବୋଲ ଡାକ ଦେଇଥିଲେ । ଭୋଇ ସର୍ଦ୍ଦାର ରବି ଭୋଇ କୁହନ୍ତି ରଥ ନିର୍ମାଣରେ ଏହା ହେଉଛି ପଞ୍ଚମ ହରିବୋଲ ଡାକ। ଏଥିସହ ରଥରେ ଚାରପରିଛା ଫିଟିଂ ହୋଇ ତାଗ ବାଡ଼ିଆ ଆରମ୍ଭ ହୋଇଛି । ବଡ଼ପୋଟଳ ଉପରକୁ ରହିବ ଆହୁରି ୧୨ ପରସ୍ତ ପୋଟଳ । ରଥରେ ଲାଗେ ମୋଟ ୧୩ ପରସ୍ତ ପୋଟଳ । ରଥଖଳାରେ ଆଉ ୬ ପରସ୍ତ ପୋଟଳ ତିଆରି ସରି ପାରାଭାଡ଼ି ତିଆରିକୁ ଅପେକ୍ଷା । ପୋଟଳ ସବୁ ନିମ୍ନ ଅଂଶରୁ ଉପରକୁ କ୍ରମଶଃ ଛୋଟ । ୬ ଓ ୭ନମ୍ବର ପୋଟଳ ହେଉଛି 'ପାରାଭାଡ଼ି' । ରଥ ଉପର ଅଂଶରେ ଆକର୍ଷଣୀୟ ହେଉଛି ରଥର ପାରାଭାଡ଼ି । ଦୁଇ ସ୍ତର ପୋଟଳ ମଝିରେ ପଟା ଦିଆଯାଇ ବକ୍ସ ଭଳି 'ପାରାଭାଡ଼ି' ତିଆରି କରାଯାଏ। ଏଥିରେ ଚିତ୍ରକରମାନେ ପାରା ଚିତ୍ର ଅଙ୍କନ କରିଥାନ୍ତି । ଏହାପରେ ପାରାଭାଡ଼ି ରଥରେ ସ୍ଥାପନ ହୋଇଥାଏ। ରଥ ଖଳାରେ କଳସ ତିଆରି ଆରମ୍ଭ ହୋଇଛି । ବିଶ୍ୱକର୍ମାମାନେ ରଥରେ ତାଗ (ବରଗା ଭଳି ଲମ୍ବ କାଠ) ବାଡ଼ଉଛନ୍ତି। ଗୟଳ ଉପରେ ତାଗ ବାଡ଼ିଆ ଯାଉଛି । ଏହା ଉପରେ ପଟା ବାଡ଼ିଆ ଯାଇ ରଥର ପୃଷ୍ଠ ତିଆରି ହେବ। ରୂପକାର ସେବକ ରଥର ନାଟଗୋଡ଼ ଓ ଧୂଳିଦଣ୍ଡାରେ ଖୋଦେଇ କାର୍ଯ୍ୟ ସାରୁଛନ୍ତି । ଆଗକୁ ପଟା ଗୁଜରେ ନର ବିରାଳ, ଗଜ ବିରାଳ ଓ ସିଂହ ବିରାଳ କାର୍ଯ୍ୟ କରାଯିବ । ଏହାପରେ ଠାକୁରଙ୍କ ପ୍ରଭା କାମ ହେବ । ଚିତ୍ରକାର ଓ ଦରଜି ସେବକ ଯଥାକ୍ରମେ ରଥ ଚିତ୍ର ଓ କନାମଣ୍ଡଣି କାର୍ଯ୍ୟରେ ନିମଗ୍ନ ରହିଛନ୍ତି। ଦୋଳବେଦି ଅସ୍ଥାୟୀ ଶାଳରେ କମାର ସେବକମାନେ ଦ୍ୱାର କଣ୍ଟା, କଇଁଚି କଣ୍ଟା ଆଦି ଲୁହା ସାମଗ୍ରୀ ତିଆରୁଛନ୍ତି । ବ୍ରେକ୍ ଚକ ମଜଭୁତି ପାଇଁ ଲାଗିଲା ଲୁହା ପ୍ଲେଟ୍। ରଥର ମଜଭୁତି ତଥା ସୁରକ୍ଷା ପାଇଁ ବ୍ରେକ୍ ଚକରେ ଲୁହା ପ୍ଲେଟ୍ ଲଗାଯାଇଥିବା କହିଛନ୍ତି ଦେବଦଳନ ରଥ ମୁଖ୍ୟ ବିଶ୍ୱକର୍ମା ନାରାୟଣ ମହାରଣା। ନଟ୍‌ବୋଲ୍ଟ ସାହାଯ୍ୟରେ ପ୍ରତି ଚକରେ ୪ଟି ଲୁହା ପାତ ଲାଗୁଛି । ତାଳଧ୍ୱଜ, ନନ୍ଦିଘୋଷ ଓ ଦେବଦଳନ ରଥ ଚକରେ ଲୁହା ପ୍ଲେଟ ଲାଗୁଛି । ରଥକୁ ଜକ୍ ଲଗାଇ ଟେକିବା ପରେ ପହି ପ୍ଲେଟ୍ ଲଗାଯାଉଛି। ଏବେ କିଛି ବର୍ଷ ହେବ ଏହି ସତର୍କତା ଅବଲମ୍ବନ କରାଯାଉଛି। ରଥ ଟାଳନା ସମୟରେ ବାରମ୍ବାର ରଥ ରହିବାରେ ବ୍ରେକ୍ ଚକା ଉପରେ ମାଡ଼ ପଡ଼େ। ପହି ପ୍ଲେଟ୍ ଲାଗିଲେ ରଥ ମଜଭୁତି ହେବା ସହ ବ୍ରେକ୍ ଚକକୁ ଅଧିକ କ୍ଷତି ପହଞ୍ଚିବ ନାହିଁ।

## ଅଣସର ଦର୍ଶନର ଚତୁର୍ଥ ଦିନ

# ରଜ ସଂକ୍ରାନ୍ତି ପାଇଁ ଅଲାରନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବ୍ରହ୍ମଗିରି, ୧୫/୦୬ ନ୍ୟୁଜ ବ୍ୟୁରୋ**

ଶ୍ରୀଅଲାରନାଥ ପୀଠରେ ଅଣସର ଦର୍ଶନର ଚତୁର୍ଥ ଦିନ । ଭୋର ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି, ଅବକାଶ, ଅଣସର ବେଶ, ଚନ୍ଦନ ତୁଳସୀ ଲାଗି, ବଲ୍ଲଭ ଓ ସର୍ବସାଧାରଣ ଦର୍ଶନ ଚାଲିଛି। ଅଲାରପୁର ଗାଁ ଭିତରୁ ପୀଠ ପର୍ଯ୍ୟନ୍ତ ଲମ୍ବାଧାଡ଼ି ଆସି ଚତୁର୍ଭୁଜ ନାରାୟଣଙ୍କୁ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ। ରଜ ସଂକ୍ରାନ୍ତି ଥିବାରୁ ପୀଠରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଭକ୍ତ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶନିବାର ତୃତୀୟ ଦିନ ବି ଶାନ୍ତି ଶୃଙ୍ଖଳାରେ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଏକସଙ୍ଗେ ରଜ ଓ ଅଣସର ଦର୍ଶନ ପଡ଼ିଥିବାରୁ ଦ୍ୱିପ୍ରହରରେ ଆନନ୍ଦ ବଜାରରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା । ସକାଳୁ ରାତି ପର୍ଯ୍ୟନ୍ତ ଭିଡ଼ ଜମିଥିଲା । ବିଶେଷ କରି ମଧ୍ୟାହ୍ନ ଧୂପ ପରେ ଭକ୍ତଙ୍କ ଗହଳି ବଢ଼ିଥିଲା । ପାଖାପାଖି ୪୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଅନୁମାନ କରାଯାଉଛି ।





ଭୁବନେଶ୍ୱର : ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ ଜନ୍ମ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଭବନଠାରେ ରାଜ୍ୟପାଳଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। (ଫଟୋ : ସୟଦ କଳିକା)

# ପୁରୀରେ ହେବ ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍ : ଟ୍ରାଫିକ ପରିଚାଳନାରେ ଏଆଇ

**ଭୁବନେଶ୍ୱର, ୧୫/୦୬ ନ୍ୟୁଜ ବ୍ୟୁରୋ**



ଚଳିତବର୍ଷ ରଥଯାତ୍ରା ପାଇଁ ପୋଲିସର ବ୍ୟାପକ ବନ୍ଦୋବସ୍ତ । ପୁରୀରେ ପ୍ରଥମ ଥର ଖୋଲିବ ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର । ଏଆଇ ସିସିଟିଭି କ୍ୟାମେରା ଜରିଆରେ ହେବ ଟ୍ରାଫିକ ପରିଚାଳନା। ପୋଲିସ ଡିଜି ୱାଇ ବି ଖୁରାନିଆଙ୍କ କ୍ୟାମ୍ପ ଅଫିସରେ ପୁରୀ ଏସ୍‌ପି, ରେଞ୍ଜ ଆଇଜି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଶେଷ ହୋଇଛି ବୈଠକ। ଚଳିତବର୍ଷ ରଥଯାତ୍ରାରେ ପୂର୍ବ ବର୍ଷ ଅପେକ୍ଷା ଅଧିକରୁ ଅଧିକ ଫୋର୍ସ ନିୟୋଜିତ ପାଇଁ ଯୋଜନା ହୋଇଛି। ରାଜ୍ୟ ପୋଲିସର ବିଭିନ୍ନ ବାଟାଲିୟନ ଓ ସ୍ୱତନ୍ତ୍ର ସୁରକ୍ଷା ବଳ ସହ ଅଫିସରମାନଙ୍କ ସହ ସେଣ୍ଟ୍ରାଲ ଫୋର୍ସ ମଧ୍ୟ ଅଧିକ ମଗାଯାଇଛି। ରାପିଡ ଆକ୍ସନ ଫୋର୍ସ ସମେତ ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସର ବିଭିନ୍ନ ଫୋର୍ସ ମଧ୍ୟ ମୁତୟନ ହେବେ । ବିଶେଷ କରି ଆତଙ୍କବାଦୀ ମୁକାବିଲା ଓ ସାମ୍ଭାବ୍ୟ ସନ୍ଦେହଜନକ କର୍ଯ୍ୟକଳାପ ଭଳି କାର୍ଯ୍ୟକଳାପ ମୁକାବିଲା ପାଇଁ ମଧ୍ୟ ସ୍ୱତନ୍ତ୍ର ୟୁନିଟ୍ ଯେପରି ସ୍ପେଶିଆଲ ଟାକ୍ଟିକାଲ ୟୁନିଟ ଭଳି ବାହାର ରାଜ୍ୟର ସ୍ପେଶାଲ ଏଜେନ୍ସି ମଧ୍ୟ ନିୟୋଜନ ପାଇଁ ବ୍ୟବସ୍ଥା ହୋଇଛି। ଏନେଇ ପୋଲିସ ଡିଜି ୱାଇ ବି ଖୁରାନିଆ କହିଛନ୍ତି,'ଏପର୍ଯ୍ୟନ୍ତ ସେପରି କିଛି ଥ୍ରେଟ ଇନ୍‌ପୁଟ ହୋଇନାହିଁ । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ଭାରି ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ଏଥିପାଇଁ ସୁରକ୍ଷା ଦୃଷ୍ଟିରୁ ବିଶେଷ ଭାବେ ଆୟୋଜନ କରାଯାଏ। ବିଗତ ବର୍ଷ ଅପେକ୍ଷା ଅଧିକ ଫୋର୍ସ ନିୟୋଜିତ ହେବେ । ଡ୍ରୋନ ଓ ଆଣ୍ଟି ଡ୍ରୋନର ମଧ୍ୟ ବ୍ୟବସ୍ଥା କରାଯାଇଛି। ସବୁ ପ୍ରକାର ସୁରକ୍ଷାକୁ ମନିଟର ପାଇଁ ପ୍ରଥମ ଥର ଟାଉନ ଥାନରେ ଇଣ୍ଟିଗ୍ରେଟେଡ କମାଣ୍ଡିଂ କଣ୍ଟ୍ରୋଲ ରୁମ୍ ପ୍ରସ୍ତୁତ କରାଯାଇଛି । ଯେଉଁଠି ସିନିୟର୍ ଅଫିସର ସମସ୍ତ ଗତିବିଧିକୁ ନିରୀକ୍ଷଣ କରିବେ। ଇଣ୍ଟେଲିଜେନସ ଇନ୍‌ପୁଟ ଅଧିକ ଗୁରୁତ୍ୱ ଦିଆଯାଉଛି । ପୁରୀକୁ ବିଭିନ୍ନ ସ୍ଥାନରୁ ଅନେକ ଭକ୍ତଙ୍କ ଆଗମନ ସହ ବେପାର ବଣିଜ କରିବା ପାଇଁ ଆସିବେ । ତେଣୁ ସେସବୁକୁ ଦୃଷ୍ଟିରେ ରଖି ଇଣ୍ଟେଲିଜେନ୍ସ ଇନ୍‌ପୁଟକୁ ଅଧିକ ଫୋକସ ଦିଆଯାଉଛି। ଖୁବ୍‌ଶୀଘ୍ର ସେଣ୍ଟ୍ରାଲ ଫୋର୍ସ ଆସି ପହଞ୍ଚିବେ । ରଥଯାତ୍ରା ପାଇଁ ଭୁବନେଶ୍ୱର ଶେଷ ଅର୍ଥାତ୍ ଉତ୍ତରା ଛକରୁ ଆରମ୍ଭ କରି ପୁରୀ ପର୍ଯ୍ୟନ୍ତ, ସମ୍ପୂର୍ଣ୍ଣ ପୁରୀ ଟାଉନ ଏବଂ ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ପୁରା ସିସିଟିଭି ଲଗା ସରିଛି । ଫୁଟେଜ ଆଧାରରେ ଭିଡ଼ ଏବଂ ଟ୍ରାଫିକ ସମସ୍ୟାକୁ ଦୂର କରାଯିବ । ଓଡ଼ିଶା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଆପ ମଧ୍ୟ ବ୍ୟବସ୍ଥା ହୋଇଛି। ରଥଯାତ୍ରା ପାଇଁ ଆସୁଥିଲେ ମୋବାଇଲ ଆପ ଡାଉନଲୋଡ କରି ସେଠାରୁ ପୁରା ତଥ୍ୟ ପାଇ ପାରିବେ ଶ୍ରଦ୍ଧାଳୁ । ରଥଯାତ୍ରା ସମୟରେ କେଉଁ ରାସ୍ତାରେ ଗଲେ ସୁବିଧା ହେବ ଏବଂ କେଉଁଠି ଗାଡ଼ି ପାର୍କିଂ କରିହେବ, ଏହାସହ ସମସ୍ୟା ହେଲେ କିପରି ପୋଲିସର ସହଯୋଗ ମଧ୍ୟ ନେଇପାରିବ ସମସ୍ତ ତଥ୍ୟ ଏହି ଆପରେ ଉପଲବ୍ଧ ରହିବ । ଏପରିକି କିଛି ଉପଦେଶ ଯେପରିକି କିଛି ସାମ୍ନା କରୁଥିଲେ ମଧ୍ୟ ସେହି ଆପ ଜରିଆରେ ମଧ୍ୟ ଅବଗତ କରିପାରିବେ ପରିଚାଳନା ଦାୟିତ୍ୱରେ ଥିବା ଅଫିସରଙ୍କୁ ।

## କଟକ ଜିଲ୍ଲାରେ ଝାଡ଼ାବାନ୍ତି ଆତଙ୍କ

# ବାଙ୍କୀରେ ୨୬, ବୟାଳିଶମୌଜାରେ ୨୦ ଆକ୍ରାନ୍ତ

## ପରୀକ୍ଷା ପାଇଁ ପଠାଗଲା ଜଳ ନମୁନା

**କଟକ, ୧୫/୦୬ ନ୍ୟୁଜ ବ୍ୟୁରୋ**



ଯାଜପୁର ପରେ କଟକ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିଛି । କଟକ ଜିଲ୍ଲାର ବାଙ୍କୀ ଓ କଟକ ସଦର ବ୍ଲକ୍‌ରୁ ୪୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। କଟକ ସଦର ବ୍ଲକ୍ ଅଧୀନ ବୟାଳିଶମୌଜା ଝିଙ୍କିରିଆ ଗ୍ରାମରେ ୨୦ଜଣ ଓ ବାଙ୍କୀ ବ୍ଲକ କନ୍ତପହଁରା ପଞ୍ଚାୟତ ଅନ୍ତର୍ଗତ ଘୋଲପୁର ଗ୍ରାମର ତଳସାହିରେ ୨୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଦୁଇଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି । ଜଳ ନମୁନା ସଂଗ୍ରହ କରାଯାଇଥିବା ବେଳେ ପରୀକ୍ଷା ପାଇଁ ପଠାଯାଇଥିବା ଜଣାପଡିଛି ।

ଝିଙ୍କିରିଆ ଗ୍ରାମରେ ଜଳ ଜନିତ ସଂକ୍ରମଣ ହୋଇଥିଲା । ଏହାକୁ ପିଇ ଗ୍ରାମବାସୀ ଆକ୍ରାନ୍ତ ହୋଇଥିଲେ । ପ୍ରାୟ ୨୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ପରେ ସେମାନଙ୍କୁ ଚିକିତ୍ସା କରାଯାଇଥିଲା । ଏବେ ସୁଦ୍ଧା ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ବେଣ୍ଟକାର ସିଏଚ୍‌ସି ତରଫରୁ ଏଠାରେ ୩ ଦିନ ଧରି ସ୍ୱାସ୍ଥ୍ୟ ଶିବିର ପରିଚାଳିତ ହେଉଛି । ବେଣ୍ଟକାର ସିଏଚ୍‌ସିର କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇ ସ୍ୱାସ୍ଥ୍ୟ ଶିବିରରେ ନିୟୋଜିତ କରାଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି । ଅନ୍ୟପକ୍ଷରେ ବାଙ୍କୀ କନ୍ତପହଁରା ପଞ୍ଚାୟତ ଅନ୍ତର୍ଗତ ଘୋଲପୁର ଗ୍ରାମର ତଳସାହିରେ ଝାଡ଼ାବାନ୍ତିରେ ଆକ୍ରାନ୍ତମାନେ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଠଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଅନ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ଆଠଗଡ଼ ମେଡିକାଲରେ ୨ ଜଣଙ୍କ ଚିକିତ୍ସା ଚାଲିଥିବା ବେଳେ ସେଠାରୁ ୨ ଆକ୍ରାନ୍ତଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି । ଖବର ପାଇ ବାଙ୍କୀ ଓ କଟକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଦୁଇଟି ଟିମ୍ ଘୋଲପୁର ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଘୋଲପୁର ଗ୍ରାମରେ ଏବେ ପାନୀୟ ଜଳର ଅଭାବ ଦେଖାଦେଇଛି । ଗ୍ରାମର ଅଧିକାଂଶ ଲୋକ ପାଇପ୍ ପାଣି ବ୍ୟବହାର କରୁଥିବାବେଳେ କିଛି ମହାନଦୀରୁ ପାଣି ଆଣି ଚଳୁଛନ୍ତି। ଗ୍ରାମକୁ ଯାଇଥିବା ପାଇପ୍ ପାଣି ପିଇବା ଫଳରେ ଏଭଳି ସ୍ଥିତି ଉପୁଜିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଙ୍କୀ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଅମରେଶ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଘୋଲପୁରରେ ପହଞ୍ଚି ଘରକୁ ଘର ବୁଲି ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିଲେ । ଏହା ସହିତ ପ୍ରତି ପରିବାରକୁ ହାଲୋଜେନ୍ ବଟିକା, ବ୍ଲିଚିଂ ପାଉଡର ବଣ୍ଟନ କରିଥିଲେ। ଖୋଲା କୂଅ ଗୁଡ଼ିକରେ ମଧ୍ୟ ବ୍ଲିଚିଂ ପାଉଡର ପକାଯାଇଛି। ଗ୍ରାମବାସୀଙ୍କୁ ସଂକ୍ରମଣ ବାବଦରେ ସଚେତନ କରାଯାଇଥିଲା। ଏହି ଟିମ୍‌ରେ ଡା. ମିଲନ ତ୍ରିପାଠୀ, ଜନସ୍ୱାସ୍ଥ୍ୟ ଅଧିକାରୀ ମାନଭଞ୍ଜନ ଦଳାଇ, ମୋହନ ଚରଣ ସାହୁ, ଜୟ ପ୍ରକାଶ ଖଟୁଆ, ସାବିତ୍ରୀ ପଣ୍ଡା ଏବଂ ଆଶାକର୍ମୀ ସାମିଲ ଥିଲେ । ଏହାସହିତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ ମାଇକ୍ରୋ ବାଇଓଲୋଜିଷ୍ଟ୍ ଓ ଏପିଡେମିଓଲୋଜିଷ୍ଟଙ୍କୁ ନେଇ ଏକ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି । ଘୋଲପୁରରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା ଉପରେ ବିଭାଗ ସମ୍ପୂର୍ଣ୍ଣ ନଜର ରଖିଛି ବୋଲି ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଅମରେଶ ସାହୁ ପ୍ରକାଶ କରିଛନ୍ତି।

# ସୁନ୍ଦରଗଡ଼ ଜିଲ୍ଲାର ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

**ରାଉରକେଲା ୧୫/୦୬ ନ୍ୟୁଜ ବ୍ୟୁରୋ**



ସୁନ୍ଦରଗଡ ସଂସ୍କୃତି ଭବନଠାରେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟଙ୍କ ମିଳିତ ଆନୁକୂଲ୍ୟରେ ବିକଶିତ ଜିଲ୍ଲା ପାଇଁ ବିକଶିତ ଓଡ଼ିଶା ସନ୍ଦର୍ଭରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଜିଲ୍ଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଆଭାଷୀ ମାଧ୍ୟମରେ ଦିଲ୍ଲୀରୁ ଯୋଗଦାନ କରିଥିଲେ । ଜିଲ୍ଲା ଯୋଜନା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ତିର୍କୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ସୁନ୍ଦରଗଡ଼ ପୌରାଞ୍ଚଳ ଅଧ୍ୟକ୍ଷା ତନୟା ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ଭାରତୀୟ ପ୍ରଶାସନିକ ସେବାର ଶିକ୍ଷାନବିଶ ଫାବି ରଶୀଦ ଏବଂ ଭିନ୍ନ ଭିନ୍ନ କ୍ଷେତ୍ରର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ବିକଶିତ ଓଡ଼ିଶା ୨୦୩୬ ପାଇଁ ବିକଶିତ ଭାରତ ୨୦୪୭ କାର୍ଯ୍ୟକ୍ରମର ପରିବର୍ତ୍ତିତ ସ୍ୱରୂପ ମାଧ୍ୟମରେ ଭିନ୍ନ ଭିନ୍ନ କ୍ଷେତ୍ରର ବୁଦ୍ଧିଜୀବୀ ମାନଙ୍କ ପରାମର୍ଶ କ୍ରମେ ସୁନ୍ଦରଗଡ଼ ଜିଲ୍ଲାର ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାକୁ ଏହି କର୍ମଶାଳାରେ ମନ୍ତ୍ରୀ ଶ୍ରୀ ଓରାମ ଆହ୍ୱାନ ଦେଇଥିଲେ । ଏଥିରେ ଜନ ପ୍ରତିନିଧି, ଶିକ୍ଷାବିତ, ଶିଳ୍ପପତି, ବ୍ୟାଙ୍କ ଓ ଆର୍ଥିକ ସେବା ପ୍ରତିନିଧି, ବେସରକାରୀ ଅନୁଷ୍ଠାନମାନଙ୍କ ପରାମର୍ଶ ଲାଗି ପାଞ୍ଚ ଗୋଟି ଭିନ୍ନ ଭିନ୍ନ ଦଳ ଗଠନ କରି ଆପୋସ ଆଲୋଚନା ମାଧ୍ୟମରେ ୨୦୩୬ ସୁଦ୍ଧା ବିକଶିତ ସୁନ୍ଦରଗଡ଼ ଗଠନ ନିମନ୍ତେ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବାର ଥିଲା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପାଞ୍ଚଟି ବିଷୟରେ ବିଶେଷଜ୍ଞ ପ୍ରତିନିଧିମାନଙ୍କ ଦ୍ୱାରା ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ଏବଂ ଉପସ୍ଥିତ ନାଗରିକମାନେ ମଧ୍ୟ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ବିକଶିତ ସୁନ୍ଦରଗଡ଼ ଗଠନ ନିମନ୍ତେ। ଜିଲ୍ଲାପାଳ ଶ୍ରୀ ମହାଜନ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସୁନ୍ଦରଗଡ଼ ପରି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଲାଗି ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ତ୍ୱରିତ ଏବଂ ଶୃଙ୍ଖଳିତ କାର୍ଯ୍ୟ ନିର୍ବାହ ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସାଧାରଣ ଜନତା ମଧ୍ୟ ନିଜ ନିଜ ଅଞ୍ଚଳ ସହ ଜଡ଼ିତ ସାମର୍ଥ୍ୟ, ସରକାରୀ ଯୋଜନାମାନଙ୍କରେ ଥିବା ବିଭିନ୍ନ ଅସୁବିଧା, ସମସ୍ୟା ଓ ଏହାର ନିରାକରଣ ନିମନ୍ତେ ସାରଗର୍ଭକ ଆଲୋଚନା କରିଥିଲେ।

# ପରିବାରର ୫ ସଦସ୍ୟଙ୍କ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ : ୩ ସନ୍ତାନ ମୃତ, ବାପା-ମାଆ ଗୁରୁତର

**ଉମରକୋଟ ୧୫/୦୬ ନ୍ୟୁଜ ବ୍ୟୁରୋ**

ସ୍ୱାମୀ-ସ୍ତ୍ରୀ ବିଷ ପିଇଲେ । ୩ ପିଲାଙ୍କ ଖାଇବାରେ ବି ବିଷ ମିଶାଇ ଦେଲେ । ବିଷ ଜ୍ୱାଳାରେ ୩ ନିଷ୍ପାପ ଶିଶୁଙ୍କ ଜୀବନ ଚାଲିଗଲା। ଏବେ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ଦମ୍ପତି । ଛତିଶଗଡ଼ କାଙ୍କେର ଜିଲ୍ଲା ପରତାପୁର ଥାନା ଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଶାନ୍ତିନଗର ସ୍ଥିତ ପିଭି-୭୦ ଗାଁରୁ ଆସିଛି ଏପରି ମନକୁ ଆନ୍ଦୋଳିତ କଲା ପରି ଖବର । ପିଭି-୭୦ ଗାଁର ରମେଶ ବୈରାଗୀ । ପତ୍ନୀ ଓ ୩ ପିଲାଙ୍କୁ ନେଇ ତାଙ୍କ ସଂସାର । ତେବେ ରମେଶ କାହିଁକି ଏପରି ଚରମ ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ହୋଇନି । ଘରର ଆର୍ଥିକ ସ୍ଥିତି ଖରାପ ଯୋଗୁ ସେ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି । ତେବେ ତଥ୍ୟ ମୁତାବକ ରମେଶଙ୍କ ଆର୍ଥିକ ସ୍ଥିତି ଭଲ ନଥିଲା । ଉଧାର କରଜରେ ବୁଡିଯାଇଥିଲେ ସେ । ଯାହାକୁ ନେଇ ସବୁବେଳେ ପତ୍ନୀଙ୍କ ସହ ଝଗଡ଼ା ଲାଗି ରହୁଥିଲା। ସେହି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିବା କହିଛନ୍ତି ପଡୋଶୀ । ତେବେ ସକାଳୁ ରମେଶଙ୍କ ଘର କବାଟ ଖୋଲି ନଥିବା ଦେଖି ପଡୋଶୀଙ୍କ ସନ୍ଦେହ ହୋଇଥିଲା । ଘର ଭିତରେ ପଶି ଯାହା ଦେଖିଲେ କାହା ମୁଣ୍ଡ କାମ କରିନଥିଲା ।

# ଏବର୍ଷ ରାଜ୍ୟରେ ସ୍ୱାଭାବିକଠୁ ଅଧିକ ହେବ ବର୍ଷା

**ଭୁବନେଶ୍ୱର, ୧୫/୦୬ ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ମୌସୁମୀ ପାଗ ଅନୁକୂଳ ରହିଛି । ଚାଷୀମାନଙ୍କ ପାଇଁ ବେଶ୍ ଖୁସିର ଖବର। ଦୁଇରୁ ତିନିଦିନ ମଧ୍ୟରେ ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ହେବ । ଯାହାଫଳରେ ଆଗାମୀ ୪୮ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ଏହାସହ ଏଥର ରାଜ୍ୟରେ ସ୍ୱାଭାବିକଠୁ ଅଧିକ ବର୍ଷା ହେବ ବୋଲି ଭରତୀୟ ପାଣିପାଗ ବିଭାଗର ନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର ପୂର୍ବାନୁମାନ କରିଛନ୍ତି।

ଡଃ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, 'ଚଳିତ ଥର ସଅଳ ଆସିଥିବା ମୌସୁମୀ ଏବେ ସକ୍ରିୟ ହୋଇଛି । ଦେଶର ବିଭିନ୍ନ ରାଜ୍ୟ ଅତିକ୍ରମ କରି ଓଡ଼ିଶା ମଧ୍ୟ ପ୍ରବେଶ କରିଥିବା ବେଳେ ବିଭିନ୍ନ ପ୍ରାନ୍ତକୁ ମୌସୁମୀ ଛୁଇଁଛି । ତେଣୁ ଆଗାମୀ ଦୁଇ ଦିନ ମଧ୍ୟରେ ଅଗ୍ରସର ହେବ ମୌସୁନୀ ବାୟୁ ।ଏପରିକି ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବାୟୁ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ବର୍ଷାର ପରିମାଣ ବଢିବ । ଦକ୍ଷିଣ ଓଡ଼ିଶାରେ ମୌସୁମୀ ସକ୍ରିୟ ଅଛି, ଆଗକୁ ଅହୁରି ପ୍ରଭାବ ଦେଖିବାକୁ ମିଳିବ। ଲଘୁଚାପ କ୍ଷେତ୍ର ସୃଷ୍ଟି ଫଳରେ ଯାହାର ପ୍ରଭାବରେ ମୌସୁମୀ ସକ୍ରିୟ ହେବ । ମୌସୁମୀ ଋତୁରେ ଯେତିକି ବର୍ଷା ହୁଏ ଚଳିତ ବର୍ଷ ଓଡ଼ିଶାରେ ତା'ଠୁ ଅଧିକ ବର୍ଷା ହେବ । ଅର୍ଥାତ୍ ସ୍ୱଳ୍ପ ବୃଷ୍ଟିପାତ ନୁହେଁ ସ୍ୱାଭାବିକଠୁ ଅଧିକ ବର୍ଷ ହୋଇପାରେ । ଯାହାକି ଚାଷ ଓ ଚାଷୀ ଭାଇମାନଙ୍କ ପାଇଁ ପୁରା ଅନୁକୂଳ ପାଗ ରହିବ । ଫଳରେ ଚାଷର କାର୍ଯ୍ୟ ସଠିକ ଭାବେ କରିବା ପାଇଁ ଆବଶ୍ୟକୀୟ ବୃଷ୍ଟିପାତ ବିଶେଷ କରି ଜୁନରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଲାଗି ରହିବ ।'

ସେ ଆହୁରି ମଧ୍ୟ କହିଛନ୍ତି, 'ପାଗ ପୁରା ଅନୁଗୁଳ ରହିଛି । ଆଗାମୀ ସାତ ଦିନ ପାଇଁ ମୌସୁମୀଜନିତ ବର୍ଷା ଜାରି ରହିବ। ୪୮ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ସ୍ଥାନରେ ମୌସୁମୀ ଜନିତ ବର୍ଷା ଆରମ୍ଭ ହେବ। କିଛି କିଛି ସ୍ଥାନରେ ବିଜୁଳି ଘଡଘଡି ସହ ପବନର ବେଗ ମଧ୍ୟ ୩୦ରୁ ୪୦ କିମି ପର୍ଯ୍ୟନ୍ତ ରହିବ । ଆଗାମୀ ୨୪ଘଣ୍ଟା ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ହାଲୁକା ଓ ମଧ୍ୟମ ଧରଣର ବର୍ଷା ସହିତ ବିଜୁଳି ଘଡଘଡି ଜାରି ରହିବ । ସେହିପରି ଉତ୍ତର ଓଡ଼ିଶାରେ ମଧ୍ୟ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ଜାରି ରହିବ । ଗୋଟେ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି । ମୟୂରଭଞ୍ଜ , କେନ୍ଦୁଝର, ଗଜପତି, ବାଲେଶ୍ୱର, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡିରେ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।' ସେହିପରି ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସହ ବିଜୁଳି ଘଡଘଡି ଓ ଝଟକା ପବନ ହେବ, ଯାହା ଘଣ୍ଟା ପ୍ରତି ୩୦ରୁ ୪୦ କିମି ବହିବାର ସମ୍ଭାବନା ରହିଛି । ସେପଟେ ଗଜପତି, ରାୟଗଡ଼ା, କୋରାପୁଟ ଓ କଳାହାଣ୍ଡିର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଆଗାମୀ ୪୮ଘଣ୍ଟା ପାଇଁ କିଛି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ରହିଛି ଅର୍ଥାତ୍ ୧୬ ତାରିଖରୁ ବର୍ଷାର ପରିମାଣ ବଢିବ। ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାକୁ ଆଲର୍ଟ କରାଯାଇଛି । ତା' ସହିତ ବାକି ଜିଲ୍ଲାରେ ମଧ୍ୟ ପ୍ରବଳରୁ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡଘଡିର ମଧ୍ୟ ସତର୍କ ସୂଚନା ଦେଇଛି ପାଣିପାଗ ବିଭାଗ। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଗଜପତି, ରାୟଗଡ଼ା ଓ କୋରାପୁଟରେ ଅତି ପ୍ରବଳ ବର୍ଷା ହୋଇପାରେ ।

# 'ଦ୍ୱିତୀୟ ରଜ'ରେ ନନ୍ଦନକାନନରେ ୩୭,୧୦୮ ଜଣ ପର୍ଯ୍ୟଟକ

**ବାରଙ୍ଗ, ୧୫/୦୬ ନ୍ୟୁଜ ବ୍ୟୁରୋ**




ଭୁବନେଶ୍ୱର ଉପକଣ୍ଠରେ ଥିବା ପର୍ଯ୍ୟଟକମାନଙ୍କ ପାଇଁ ଉଦ୍ଦିଷ୍ଟ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରବିବାର ରେକର୍ଡ ପର୍ଯ୍ୟଟକ ବୁଲିଛନ୍ତି। ଗଣପର୍ବ 'ରଜ' ଅବସରରେ ପର୍ଯ୍ୟଟକମାନେ ରବିବାର ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବୁଲିଛନ୍ତି। ସବୁଠାରୁ ବଡ଼ କଥା ହେଲା ପର୍ଯ୍ୟଟକମାନେ ଭଲ ବୁଲିବାର କାରଣ ହେଲା ଅନୁକୂଳ ପାଗ।

ଦ୍ୱିତୀୟ ରଜରେ ନନ୍ଦନକାନନ ପ୍ରାଣୀ ଉଦ୍ୟନରେ ୩୭ ହଜାରରୁ ଅଧିକ ପର୍ଯ୍ୟଟକ ଆସିଥିଲେ। ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ପ୍ରାୟ ଅଢ଼େଇ ହଜାର ଲୋକ ବୁଲିବାକୁ ଯାଇଥିଲେ।

ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ତରଫରୁ ମିଳିଥିବା ସୂଚନା ଅନୁସାରେ ରବିବାର ଦ୍ୱିତୀୟ ରଜ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୩୭,୧୦୮ ଜଣ ପର୍ଯ୍ୟଟକ ବୁଲିଛନ୍ତି। ରବିବାର ଭଲ ବାର ସାଙ୍ଗକୁ ପାଗ ଭଲ ଥିବାରୁ ଏତେ ସଂଖ୍ୟାରେ ପର୍ଯ୍ୟଟକ ଆସିଛନ୍ତି। ଟିକେଟ କରି ବୁଲି ଦେଖି ଥିବା ପର୍ଯ୍ୟଟକଙ୍କ ଗଣନାରୁ ଏହି ସଂଖ୍ୟା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୨୨ ମସିହା ପ୍ରଥମ ରଜରେ ସର୍ବାଧିକ ୩୪,୮୧୭ ପର୍ଯ୍ୟଟକ ଆସିଥିବା ବଡ଼ ରେକର୍ଡ ଥିଲା। ସେହି ରେକର୍ଡ ୨୦୨୫ରେ ରବିବାର ଭଙ୍ଗ ହୋଇଛି। ସେହିଭଳି ରାଜ୍ୟ ଉଦ୍ଭିଦ ଉଦ୍ୟାନର ୨୪୭୪ ଖଣ୍ଡ ଟିକେଟ ବିକ୍ରି ହୋଇଥିବା ସୂଚନା ମିଳିଛି।